## ସଂକ୍ଷେପରେ

### ନଦୀରେ ଭାସି ମୃତ୍ୟୁବରଣ କରିଥିବା ୨ ଭାଇଙ୍କ ପରିବାରକୁ ଭେଟିଲେ ଏମ୍‌ପି, ବିଧାୟକ

**ପୁରୁଷୋତ୍ତମପୁର,୨୭।୧୦ (ଡି.ଏନ୍.ଏ.):** ପୁରୁଷୋତ୍ତମପୁର ବ୍ଲକ ଭୀମପୁର ଗ୍ରାମର ଗୌତମ ପ୍ରଧାନଙ୍କ ୨ ପୁଅ ସଂଗ୍ରାମ, ଶୁଭମ ଋଷିକୁଲ୍ୟା ନଦୀରେ ଗାଧୋଇବାକୁ ଯାଇ ପାଣିରେ ଭାସି ଯାଇ ମୃତ୍ୟୁବରଣ କରିଥିଲେ। ଏ ନେଇ ଶୁକ୍ରବାର ଆସିକା ଏମ୍‌ପି ଲଡୁକିଶୋର ସ୍ୱାଇଁ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା ପ୍ରମୁଖ ଗୌତମଙ୍କ ଘରକୁ ଯାଇ ସମବେଦନା ଜଣାଇବା ସହ ତହସିଲଦାର ଅରୁଣ କୁମାର ନାୟକଙ୍କ ଉପସ୍ଥିତିରେ ଜିଲା ରେଡକ୍ରସ ପକ୍ଷରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରକାରୀ ସହାୟତା ଶୀଘ୍ର ପ୍ରଦାନ କରାଯିବ ବୋଲି ବିଧାୟକ ସେଠୀ କହିଛନ୍ତି। ବୁଧବାର ସଂଗ୍ରାମ ଓ ଶୁଭମ ଋଷିକୁଲ୍ୟା ନଦୀରେ ଗାଧୋଇବାକୁ ଯାଇଥିବାବେଳେ ଭାସିଯାଇ ମୃତ୍ୟୁବରଣ କରିଥିଲେ।

### ଦୁର୍ନୀତି ପ୍ରତିବାଦରେ ୩୦ରେ ବ୍ଲକ ଘେରିବ ଭାଜପା

**ଚିକିଟି,୨୭।୧୦(ଡି.ଏନ.ଏ.):** ଚିକିଟି ବ୍ଲକର ୧୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ନେଇ ଭାଜପା ପକ୍ଷରୁ ଘେରାଉ କରାଯିବ ବୋଲି କୁହାଯାଇଛି। ରାଜ୍ୟ ସରକାରଙ୍କ ଅପରାଗତା ଏବଂ ରାଜ୍ୟରେ ବୃଦ୍ଧି ପାଉଥିବା ବଳାତ୍କାର ଭଳି ଘଟଣାର ପ୍ରତିବାଦରେ ଆସନ୍ତା ୩୦ପୂର୍ବାହ୍ନ ୧୧ଟାରେ ଚିକିଟି ନିର୍ବାଚନ ମଣ୍ଡଳୀର ଭାଜପା ପକ୍ଷରୁ ଯୁବ ଭାଜପା ସଭାପତି ପ୍ରଶାନ୍ତ ଜାହ୍ନିଙ୍କ ନେତୃତ୍ୱରେ ଇଲେକ୍ଟ୍ରିକ ଛକରୁ ଏକ ବାଇକ ରାଲି ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ସ୍ମାରକପତ୍ର ଦିଆଯିବ ବୋଲି ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ତଥା ଚିକିଟି ନିର୍ବାଚନ ମଣ୍ଡଳୀ ଭାଜପାର ବରିଷ୍ଠ ସଙ୍ଗଠନକାରୀ ମନୋରଞ୍ଜନ ଦ୍ୟାନସାମନ୍ତରା ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

### ନୂତନ ଉପ ଜିଲାପାଳଙ୍କ ଯୋଗଦାନ

**ବାଲିଗୁଡା, ୨୭।୧୦ (ଡି.ଏନ୍.ଏ.):** କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡର ନୂତନ ଉପଜିଲାପାଳ ଭାବେ ଦତ୍ତାତ୍ରେୟ ଭାଉସାହେବା ସିନ୍ଧେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୧୬ ବ୍ୟାଚର ଆଇଏଏସ୍। ମହାରାଷ୍ଟ୍ରରେ କିଛିଦିନ କାମ କରିବା ପରେ ଗଞ୍ଜାମ ଜିଲା ଛତ୍ରପୁର ଠାରେ ପ୍ରୋବେସନାଲ ଟ୍ରେନିଂ ନେବାପରେ ପ୍ରଥମ କରି ବାଲିଗୁଡ଼ା ଉପଜିଲାପାଳ ଭାବେ ଦାୟିତ୍ୱ ନେଇଛନ୍ତି। ବାଲିଗୁଡା ଉପଜିଲାପାଳ ଭାବେ ଥିବା ଏସ୍. କ୍ରିଷ୍ଣନ କେ ପିଙ୍କର ପାଟଣାଗଡ ଉପଜିଲାପାଳଭାବେ ବଦଳି ହୋଇଛି। ଉପଜିଲାପାଳ ସିନ୍ଧେ ଦାୟିତ୍ୱ ଗ୍ରହଣ ପରେ ବାଲିଗୁଡା ଟାଉନ୍ ସମେତ ଉପଖଣ୍ଡ ଅଞ୍ଚଳ ବୁଲି ଦେଖିବା ସହ ବିଭିନ୍ନ ସମସ୍ୟା ଅନୁଧାନ କରିଛନ୍ତି। ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଇବା ତାଙ୍କର ପ୍ରାଥମିକ କାର୍ଯ୍ୟ ହେବ ବୋଲି ଏକ ସାକ୍ଷାତକାରରେ ସେ ପ୍ରକାଶ କରିଛନ୍ତି।

### ବ୍ଲକସ୍ତରୀୟ ସୁରଭି

**ଜି.ଉଦୟଗିରି,୨୭।୧୦(ଡି.ଏନ.ଏ.):** ଜି.ଉଦୟଗିରି ହାତୀସାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୧୫୧ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସେଥିରୁ ୧୫ ଜଣ କୃତୀ ଛାତ୍ରୀଛାତ୍ର ଓ ଗୋଟିଏ ନୃତ୍ୟ ଦଳ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ପୁରସ୍କାର ବିତରଣରେ ବ୍ଲକ ଶିକ୍ଷାଧିକାରୀ ଅନ୍ତର୍ଯ୍ୟାମୀ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ବଳରାମ ସାହୁ, ସମ୍ମାନିତ ଅତିଥି ଭାବେ ଏବିଓ ମିହିର କାନ୍ତ ପ୍ରଧାନ, ପ୍ରଧାନ ଶିକ୍ଷକ ଦୀନବନ୍ଧୁ ମିଶ୍ର ଯୋଗଦେଇଥିଲେ। ଲୋକନାଥ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈକୁଣ୍ଠ ସାହୁ, ଅନୁସାୟା ବେହେରାଙ୍କ ସମେତ ସମସ୍ତ ସିଆରସିସି କାର୍ଯ୍ୟକ୍ରମ ତଦାରଖ କରିଥିଲେ।

### ପିସି, ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଭାଜପାର ବିକ୍ଷୋଭ

**ଧରାକୋଟ,୨୭।୧୦(ଡି.ଏନ୍.ଏ.):** ପୂର୍ବତନ ଜିଲା ଭାଜପା ସଭାପତି ତଥା ରାଜ୍ୟ ଓବିସି ସେଲ୍‌ର ସାଧାରଣ ସମ୍ପାଦକ ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଶନିବାର ରାଜ୍ୟ ସରକାରଙ୍କ ପିସି, ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଓ ପ୍ରିୟାପ୍ରତି ତୋଷଣ ବିରୋଧରେ ଧରାକୋଟ ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଇଥିଲା। ଶତାଧିକ କର୍ମୀ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଘୁମୁସର ଜିଲା ଭାଜପା ସଭାପତି ସୂର୍ଯ୍ୟନାରାୟଣ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଭାଜପା ସର୍ବଭାରତୀୟ କାପାର୍ଡ ସଭ୍ୟ ମହେଶ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଜୟନ୍ତୀ ପଢ଼ିଆରୀ, ସାନଖେମୁଣ୍ଡି ଜିଲା ପରିଷଦ ସଭ୍ୟ ଗଦାଧର ସ୍ୱାଇଁ, ଓକିଲ ନାରାୟଣ ହୋତା, ନାରାୟଣ ବେହେରା, ପ୍ରମୁଖ ଉପସ୍ଥିତ ରହିଥିଲେ।

## ବାତ୍ୟାରେ ବ୍ୟାପକ ଧାନ, ମକା ଫସଲ ନଷ୍ଟ

# କ୍ଷୟକ୍ଷତି ଆକଳନ ହେଉନି, ବଢୁଛି ଚାଷୀ ଅସନ୍ତୋଷ

**ଆର.ଉଦୟଗିରି,୨୭।୧୦(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ବ୍ଲକରେ ତିତ୍‌ଲି ବାତ୍ୟାରେ ଖରିଫ ଫସଲ ବ୍ୟାପକ କ୍ଷତି ହୋଇଛି। ଏହି ବ୍ଲକରେ ସରକାରୀ ତଥ୍ୟ ଅନୁଯାୟୀ ୨୪୮୫ ହେକ୍ଟର ଜମିରେ ଧାନଚାଷ ହୋଇଥିବା ବେଳେ ସେଥିମଧ୍ୟରୁ ବାତ୍ୟାରେ ୪୭୬.୧ ହେକ୍ଟର ନଷ୍ଟ ହୋଇଛି। ମୁଖ୍ୟ ଫସଲ ମକା ୩୪୪୫ ହେକ୍ଟରରେ ହୋଇଥିବାବେଳେ ନଷ୍ଟ ହୋଇଛି ୩୩୫୬ ହେକ୍ଟର। ସେହିପରି ମାଣ୍ଡିଆ, ପନିପରିବା ଓ ଅନ୍ୟାନ୍ୟ ୫୯୪୫ ହେକ୍ଟରରୁ ନଷ୍ଟ ହୋଇଛି ୨୬୯୭ ହେକ୍ଟର। ବାତ୍ୟାରେ ମକା ଗଛ ଗୁଡିକ ଧରାଶାୟୀ ହୋଇଯାଇଛି। ବାତ୍ୟା ବେଳେ ୨୨୦ ମିଲିମିଟର ବର୍ଷା ହୋଇଥିବା ଯୋଗୁ ଧାନ ଫସଲ ମଧ ବ୍ୟାପକ କ୍ଷତି ହୋଇଛି। ବହୁ ଜମିରେ ବାଲିଚରି ଯାଇଛି। ମକା ଫସଲ ଶତ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଧାନ ଫସଲ ଶତକଡ଼ା ୫୦ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିବା କୃଷି ବିଭାଗ


ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ମକା ଫସଲ।

ପକ୍ଷରୁ କୁହାଯାଇଛି। ବାତ୍ୟା ପରବର୍ତ୍ତୀ ସହାୟତା ନିମନ୍ତେ ଚାଷୀ ଚାହିଁ ବସିଥିବା ବେଳେ ଆକଳନ ପାଇଁ କେହି ଅଧିକାରୀ ଆସୁ ନ ଥିବା ଯୋଗୁ ଚାଷୀମାନଙ୍କ ମଧ୍ୟରେର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ତଥ୍ୟ ବାହାରେ ବିଭିନ୍ନ ଜଙ୍ଗଲ ଜମି ଓ ଗଡାଣିଆ ଜମିରେ ମଧ ଚାଷ ହୋଇଥିଲା। କ୍ଷତିଗ୍ରସ୍ତ ଚାଷୀ ଏବେ ଋଣ ପରିଶୋଧ ଚିନ୍ତାରେ। ସରକାରୀ ସହାୟତା ନ ମିଳିଲେ ଚାଷୀ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେବ ବୋଲି କୁହାଯାଉଛି। ଆର.ଉଦୟଗିରି ବ୍ଲକର ଶବରପଲ୍ଲି, ଛେଲିଗଡ଼, ଛେଲାଗଡ଼, ମହେନ୍ଦ୍ରଗଡ଼, ରଣ୍ଡିବା, ପରିସଲ, ରାମଗିରି, ମଙ୍ଗରାଜପୁର, ସୁବଲଡା, ତବାରସିଂ ପଞ୍ଚାୟତରେ ମକା ଫସଲ ନଷ୍ଟ ହୋଇଯାଇଛି। ପ୍ରତ୍ୟେକ ଚାଷୀଙ୍କ କ୍ଷତି ଆକଳନ କରି କର୍ମଚାରୀ ସଠିକ୍ ତଥ୍ୟ ସରକାରଙ୍କୁ ପ୍ରଦାନ କଲେ ଚାଷୀ ସହାୟତା ପାଇପାରିବେ ବୋଲି ଆର.ଉଦୟଗିରି ବ୍ଲକ ଉପାଧ୍ୟକ୍ଷ ନବୀନ ରଇତ ଏବଂ ଚାଷୀ ମହଲରେ ଦାବି ହେଉଛି। କ୍ଷୟକ୍ଷତି ଆକଳନରୁ ବାଦ ପଡିବା ଭୟ ଏବେ ଚାଷୀଙ୍କୁ ଘାରିଛି। ବ୍ଲକରେ ମୋଟ ୧୨,୪୭୭ ହେକ୍ଟର ଚାଷ ଉପଯୋଗୀ ଜମି ସରକାରୀ ତଥ୍ୟ ଥିବା ବେଳ ମୋଟ ୩୬,୪୮୮ ହେକ୍ଟର ଢ଼େପ, ଗଡ଼ାଣିଆ ଓ ଜଙ୍ଗଲ ଜମିରେ ଚାଷ ହୋଇଥାଏ। ସରକାରୀ ତଥ୍ୟ ବାହାରେ ଚାଷ ହେଉଥିବା ବହୁ ଚାଷୀ ଯେପରି ବାଦ ନ ପଡନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

## ଶେରଗଡ଼ରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ

# ଉଠାଜଳସେଚନ ପଏଣ୍ଟ କାର୍ଯ୍ୟକ୍ଷମକୁ ଗୁରୁତ୍ୱ

**ଶେରଗଡ,୨୭।୧୦(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦିଲୀପ କୁମାର ମହାନ୍ତି ଶନିବାର ଶେରଗଡ ଗସ୍ତରେ ଆସି ବ୍ଲକ ସଭାଗୃହରେ ସ୍ଥାନୀୟ ନେତା ଓ କର୍ମୀଙ୍କ ସହ ତିତ୍‌ଲି ଓ ପରବର୍ତ୍ତୀ ବନ୍ୟାରେ କ୍ଷୟକ୍ଷତି ଓ ସହାୟତା ସମ୍ପର୍କରେ ଆଲୋଚନା କରିଛନ୍ତି। ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ପ୍ରାରମ୍ଭିକ ସୂଚନା ଦେବା ପରେ ନେତାମାନେ ଜଣେ ଜଣେ ଆସି କ୍ଷୟକ୍ଷତି ସମ୍ପର୍କରେ କହିଥିଲେ। ଆଖୁ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ତଥା ବିଜେଡି ନେତା ବିପିନ ବିହାରୀ ପାତ୍ର ଓ ସମୀର ପ୍ରଧାନ ବ୍ଲକରେ ୯୦ ପ୍ରତିଶତ ଆଖୁଚାଷ କ୍ଷତିଗ୍ରସ୍ତ ହୋଇଛି, ଏନେଇ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ଦାବି କରିଥିଲେ। ବ୍ରାହ୍ମଣଛାଇ, ତହଁର, ପିଉଳ ପଞ୍ଚାୟତରେ ଚାଷଜମି ବାଲିଚର ହୋଇଥିବାରୁ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ସମସ୍ତ ଚାଷୀଙ୍କୁ ସାର, ବିହନ ଦେବାକୁ ନେତା ହୀନ ବେହେରା ଦାବି କରିଥିଲେ। ନନ୍ଦିନୀ ନାଳର ପୁନରୁଦ୍ଧାର ସହ ନନ୍ଦିନୀ ନଦୀରେ ପଥର ବନ୍ଧ ନିର୍ମାଣ କରିବାକୁ ଚନ୍ଦନ ପାଢ଼ୀ ଓ ମେଘନାଦ ଦାସ ଦାବି କରିଥିଲେ। ବ୍ଲକର ୩୬ଟି ଉଠାଜଳସେଚନ ପଏଣ୍ଟକୁ ତୁରନ୍ତ ସଚଳ କରିବା, ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରିବା ଓ ଚାଷୀଙ୍କୁ ବୀମାରାଶି ମିଳିବା ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ସ୍ୱତନ୍ତ୍ର ସଚିବ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ବ୍ଲକ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଗୋପାଳ ଚରଣ ପଟ୍ଟନାୟକଙ୍କ ସମେତ ବହୁ ସରପଞ୍ଚ ସମିତିସଭ୍ୟ ଉପସ୍ଥିତ ଥିଲେ।


ସ୍ୱତନ୍ତ୍ର ସଚିବ ସମୀକ୍ଷା କରୁଛନ୍ତି।

# ଶସ୍ୟ ଜାତୀୟ ଖାଦ୍ୟର ପୁନରୁଦ୍ଧାର ଆବଶ୍ୟକ

**ଫୁଲବାଣୀ ଅଫିସ, ୨୭।୧୦**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡଠାରେ ଜୈବ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱାତୀ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କର୍ମଶାଳାକୁ ଅବସରପ୍ରାପ୍ତ କୃଷି ବୈଜ୍ଞାନିକ ଡ. ମନୋରଞ୍ଜନ ମିଶ୍ର ଉଦ୍‌ଘାଟନ କରିଥିଲେ। ଜୈବିକ ଓ ପାରମ୍ପରିକ କୃଷି ଏବଂ ଜ୍ଞାନକୌଶଳକୁ ପୁନର୍ଜୀବିତ କରିବାର ଆବଶ୍ୟକତା ରହିଛି। ଜନ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସବୁଜ ବିପ୍ଳବର ଦ୍ୱାହି ଦେଇ ଅଧିକ ଅମଳ କରିବାର ନିଶା ଆମକୁ ଘାରିଛି। ଫଳରେ ଆମର ମାଟି, ପାଣି, ପବନ ଏବଂ ସର୍ବୋପରି ଖାଦ୍ୟ ଶୈଳୀରେ ମଧ କୁପ୍ରଭାବ ପରିଲକ୍ଷିତ ହେଉଛି। ଏଥିଯୋଗୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟହାନୀ ହେଉଥିବା ଲକ୍ଷ୍ୟ କରାଯାଉଛି। ଲୋକଙ୍କ ଭିତରେ ଜୈବିକ କୃଷିର ବିକାଶ ନିମନ୍ତେ କନ୍ଧମାଳରେ ସଚେତନତା ମୂଳକ କାର୍ଯ୍ୟକ୍ରମ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଦ୍ୱାରା କରାଯାଉଛି। ଧିରେ ଧିରେ ଲୋପ ପାଇଯାଉଥିବା ମାଣ୍ଡିଆ, କୁଇରି, ଜହ୍ନା, ବାଜରା ଭଳି ଶସ୍ୟ ଜାତୀୟ ଖାଦ୍ୟର ପୁନରୁଦ୍ଧାର ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ଏଥିସହିତ ବଜାରୀ ସଂଯୋଗୀକରଣ ହେବା



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

**ଜୈବ କୃଷି କର୍ମଶାଳା**

ଦ୍ୱାରା ଚାଷୀମାନେ ବେଶ୍ ଦୁଇପଇସା ରୋଜଗାର କରିପାରୁଛନ୍ତି। ଏହାକୁ ସାକାର କରିବାପାଇଁ ସରକାରୀ ସ୍ତରରେ ମିଲେଟ୍ ମିଶନ୍ ଆମ ଜିଲାରେ କାର୍ଯ୍ୟକାରୀ ହେଉଛି ବୋଲି ଅବସରପ୍ରାପ୍ତ କୃଷି ବିଶେଷଜ୍ଞ ବିଜୟ କେତନ ସାହୁ, ଅବସରପ୍ରାପ୍ତ କୃଷି ବୈଜ୍ଞାନିକ ଡ. ଅଭୟ କୁମାର କର, ଫୁଲବାଣୀ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ବିରେନ୍ଦ୍ର କୁମାର ଦାସ, ନାବାର୍ଡ ଏଜିଏମ୍ ଶ୍ରୀବତ୍ସ ଲାଞ୍ଛନ ଦାସ, ଜଳଛାୟାର ପ୍ରକଳ୍ପ ନିର୍ଦ୍ଦେଶକ ଶୈଳେନ୍ଦ୍ର କୁମାର ଦାସ, ଜିଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମନୋଜ କୁମାର ଦାସ, ସ୍ୱାତୀର ଅଧକ୍ଷ ପ୍ରଶାନ୍ତ କୁମାର ଶତପଥୀ, ଫିରିଙ୍ଗିଆ ବ୍ଲକ ଅଧକ୍ଷ ଲାଳନନ୍ଦ ପ୍ରଧାନ ପ୍ରମୁଖ ପ୍ରକାଶ କରିଥିଲେ। ଏହି କର୍ମଶାଳାରେ ଦୀର୍ଘ ବର୍ଷ ଧରି ଜୈବିକ କୃଷିର ପ୍ରଚାର ପ୍ରସାର ଓ ଗବେଷଣା କରୁଥିବା ୬ଜଣଙ୍କୁ ସ୍ୱାତୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷୁଦ୍ରଦାନା ଶସ୍ୟ ଜାତୀୟ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ସ୍ୱାତୀ ସମ୍ପାଦକ ଇଂ.ହରିଶଙ୍କର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଦୀପ କୁମାର ଦିଗାଲ, ବୈଦ୍ୟନାଥ ଖଟୁଆ, ଗିରିଶ ସାମଲ, ସିପୁରଞ୍ଜନ ସା, ଅରବିନ୍ଦ ଦେହୁରୀ, ବିଶ୍ୱଜିତ୍ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ କବାଡ଼ି ଟୁର୍ଣ୍ଣାମେଣ୍ଟ

# ୧୨ ଜଣିଆ ଟିମର ବିଳାସପୁର ଗସ୍ତ

**ବ୍ରହ୍ମପୁର ଅଫିସ,୨୭।୧୦**

ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ କବାଡି ଟୁର୍ଣ୍ଣାମେଣ୍ଟ ବିଳାସପୁରର ସିଭି ରମଣ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାରଠାରୁ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବାପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୨ ଜଣିଆ ଟିମ ଶନିବାର ବିଳାସପୁର ଯାତ୍ରା କରିଛନ୍ତି। ମ୍ୟାନେଜର ଭାବେ ପୋଲସରା କଲେଜ କ୍ରୀଡା ଶିକ୍ଷକ ପ୍ରସନ୍ନ କୁମାର ସାହୁ ଏବଂ କୋଚ ଭାବେ ବୁଗୁଡା ପିପୁଲ୍ସ କଲେଜର କ୍ରୀଡା ଶିକ୍ଷକ କ୍ରିଷ୍ଣାରାଓ ପାତ୍ର ମଧ ଯାଇଛନ୍ତି। ସେହିପରି ସୋମବାରଠାରୁ ରାୟପୁର ରବିଶୁକ୍ଳା ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବାକୁ ଥିବା ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଓ ମହିଳା ଟେବୁଲ ଟେନିସ ଟୁର୍ଣ୍ଣାମେଣ୍ଟ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଖେଳାଳି ଚୟନ ହୋଇଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ୪ ଜଣିଆ ପୁରୁଷ ଓ ୪ ଜଣିଆ ମହିଳା ଦଳ ଶନିବାର ରାୟପୁର ଯାତ୍ରା କରିଛନ୍ତି। ମ୍ୟାନେଜର ଓ କୋଚ ଭାବେ ସାମନ୍ତିଆପଲ୍ଲୀ ଏସବିପି ମହାବିଦ୍ୟାଳୟର ପିଇଟି ସୁଧାକର ବିଷୋୟୀ ଦଳ ସହ ଗସ୍ତ କରିଥିବା କ୍ରୀଡା ପରିଷଦ ପକ୍ଷରୁ କୁହାଯାଇଛି। ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦର ସମ୍ପାଦକ ଡ. ପ୍ରସନ୍ନ କୁମାର ଦିକ୍ଷିତ, ସହାକାରୀ ସମ୍ପାଦକ ରଜେଶ କୁମାର ମହାନ୍ତି, ଏସ. କ୍ରିଷ୍ଣା ରେଡ୍ଡୀ ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ଭେଟିଲେ ବିଜୟ

**ଚନ୍ଦ୍ରଗିରି,୨୭।୧୦(ଡି.ଏନ୍.ଏ.)**

ତିତ୍‌ଲି ପ୍ରଭାବରେ ଗଜପତି ଜିଲା ବ୍ୟାପକ କ୍ଷତିଗ୍ରସ୍ତ ହେବା ସହ ବହୁ ଧନଜୀବନ ହାନି ହୋଇଥିଲା। ଶନିବାର ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାପାତ୍ର ଗଜପତି ଗସ୍ତ କରିଛନ୍ତି। ଚନ୍ଦ୍ରଗିରି, ପରିମଳ, ସୁନ୍ଦରଡାଙ୍ଗ ଓ ରାଗେଇଝୋଲି ଗ୍ରାମ ଗସ୍ତ କରି ବିପନ୍ନ ପରିବାରଙ୍କୁ ଭେଟିଥିଲେ। ମହାପାତ୍ରଙ୍କ ସହ ଏନ୍‌ସିପି ପୂର୍ବତନ ସଭାପତି ବିଜୟ ପରିଡା, ଶୁଭେନ୍ଦୁ ମହାନ୍ତି, ନୀଳଗିରିର ବରିଷ୍ଠ ନେତା ରମେଶ ବାରିକ ଓ ବାବୁ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ତିବ୍ବତୀୟାନ ବଙ୍ଗଳାରେ ବିଜୟ ମହାପାତ୍ର।

# ଟ୍ରକ ୟୁନିୟନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବେଗୁନିଆପଡ଼ା,୨୭।୧୦(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଟ୍ରକ ୟୁନିୟନର କାର୍ଯ୍ୟାଳୟକୁ ଶୁକ୍ରବାର କୋଦଳା ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ବେଗୁନିଆପଡ଼ା ମେଡିକାଲରେ ଏହି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିଲା। ଏଥିରେ ସଂଘର ସଭାପତି ପ୍ରକାଶ ଚନ୍ଦ୍ର ପାଣ୍ଡି, ଉପସଭାପତି ମନୋଜ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ କବି ରାଉତ, ଉପଦେଷ୍ଟା ଦେବରାଜ ସାହୁଙ୍କ ସମେତ ସମସ୍ତ ଟ୍ରକ ମାଲିକ ଯୋଗ ଦେଇଥିଲେ। ବ୍ଲକର ବେଗୁନିଆପଡ଼ାରୁ କୁମ୍ଭାରଗାଁ ମଧ୍ୟରେ ଥିବା ୧୫ଟି ପଞ୍ଚାୟତକୁ ନେଇ ଏହି ୟୁନିୟନ ଗଠିତ ହୋଇଯାଇଛି। ସଂଘ ଦ୍ୱାରା ଧାର୍ଯ୍ୟ ଦରରେ ଜିନିଷ ଯୋଗାଇବା ସହ ସଂଘର ନିୟମକୁ ମାନି ଚଳିବା ପାଇଁ ସମସ୍ତେ ସମ୍ମତି ପ୍ରକାଶ କରିଥିଲେ। ଏହି ସଂଘ ବ୍ୟବସାୟ ସହ ସମାଜ ମଙ୍ଗଳ କାମ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସଭାପତି ପାଣ୍ଡି କହିଛନ୍ତି।

# ତିତ୍‌ଲି କ୍ଷତିପୂରଣ ଦାବିରେ କମ୍ୟୁନିଷ୍ଟ ଦଳର ବିକ୍ଷୋଭ

**ଆସିକା,୨୭।୧୦(ଡି.ଏନ୍.ଏ.)**

ବାତ୍ୟା 'ତିତ୍‌ଲି' ଜନିତ ବନ୍ୟାରେ ଆସିକା ଏନ୍‌ଏସି ଓ ବ୍ଲକ୍‌ର ବିଭିନ୍ନ ଗ୍ରାମାଞ୍ଚଳରେ ବ୍ୟାପକ କ୍ଷତି ଘଟିଛି। ଏଥିରେ ଚାଷୀ ଓ ବ୍ୟବସାୟୀ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଦାବି କରିଛି। ଶୁକ୍ରବାର ସିପିଆଇ ଆଞ୍ଚଳିକ କମିଟି ଆହ୍ୱାନରେ ଆସିକା ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବନ୍ୟାରେ ବ୍ୟବସାୟୀ, କ୍ଷୁଦ୍ର ବ୍ୟବସାୟୀ, ଚାଷୀ, ଭାଗଚାଷୀ ତଥା ସାଧାରଣ ଜନତା ସର୍ବସ୍ୱାନ୍ତ ହୋଇପଡିଥିବା କୁହାଯାଇଥିଲା। ଆସିକା ଅଞ୍ଚଳରେ କିଛି ବର୍ଷ ବ୍ୟବଧାନରେ ରୀତିମତ ଏଭଳି ବନ୍ୟା ଲାଗି ରହିଥିଲେ ମଧ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଏ ନେଇ ତହସିଲଦାର୍ ସୁବାସ ଚନ୍ଦ୍ର ସେଠୀଆଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏକମାସ ମଧ୍ୟରେ ସରକାର ଉଚିତ ପଦକ୍ଷେପ ନ ନେଲେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସିପିଆଇ ଆଞ୍ଚଳିକ ପରିଷଦର ସମ୍ପାଦକ ପୀତବାସ ମହାପାତ୍ରଙ୍କ ନେତୃତ୍ୱରେ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ଏମ୍‌ପି ଦୂତୀକୃଷ୍ଣ ପଣ୍ଡା, ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ରାମକୃଷ୍ଣ ପଣ୍ଡା, ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଦେବହରି ମହାନ୍ତି, ନରସିଂହ ସାହୁ, ବିଦେଶୀ ନାହାକ, ରାଜେନ୍ଦ୍ର ଦାସ, ନାରାୟଣ ଜେନା, ବିଜୟ ସ୍ୱାଇଁ, କୈଳାସ ମୁନି ପ୍ରମୁଖ ବିକ୍ଷୋଭରେ ସାମିଲ୍ ଥିଲେ।



କମ୍ୟୁନିଷ୍ଟ ଦଳର ବିକ୍ଷୋଭ ଶୋଭାଯାତ୍ରା।

## ପେଟ୍ରୋଲ ପମ୍ପ ସୁରକ୍ଷା ପ୍ରସଙ୍ଗ

# ସଚେତନ ହେଲେ ଲୁଟ୍ କମିପାରିବ

**ଛତ୍ରପୁର,୨୭।୧୦(ଡି.ଏନ.ଏ)**

ଗଞ୍ଜାମ ପୋଲିସ ପକ୍ଷରୁ ସ୍ୱୟଂସିଦ୍ଧା, ଆମ ପୋଲିସ, ପରୀ ଏବଂ ବରିଷ୍ଠ ନାଗରିକ ସେଲ ପରେ ଏବେ ପେଟ୍ରୋଲ ପମ୍ପ ସୁରକ୍ଷା ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍ ଘଟଣା ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଶନିବାର ଗଞ୍ଜାମ ଜିଲାର ପେଟ୍ରୋଲ ପମ୍ପ ମାଲିକ ଓ ଗଣମାଧମ ପ୍ରତିନିଧିଙ୍କୁ ନେଇ ଏକ ଆଲୋଚନା ବୈଠକ ଛତ୍ରପୁରସ୍ଥିତ ଏସପିଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଅଧ୍ୟକ୍ଷତା କରିଥିଲେ। ଲୁଟ୍ ଏବଂ ଅନ୍ୟାନ୍ୟ ଅଘଟଣକୁ କିଭଳି ରୋକି ହେବ ସେ ସମ୍ପର୍କରେ ପେଟ୍ରୋଲ ପମ୍ପ ମାଲିକମାନଙ୍କୁ ଏସ୍‌ପି ଅବଗତ କରାଇଥିଲେ। ପେଟ୍ରୋଲ ପମ୍ପରେ ସିସିଟିଭି ଖଞ୍ଜିବା, ରାସ୍ତା ଫୁଟେଜ ପାଇଁ ଏକ ସିସିଟିଭି ଲଗାଇବା, ୨୪ ଘଣ୍ଟିଆ ସୁରକ୍ଷା କର୍ମୀ ମୁତୟନ, ଟଙ୍କା ଜମା ପାଇଁ ବ୍ୟାଙ୍କ ସହ ଆଲୋଚନା କରି ସର୍ଭି ପ୍ରୋଭାଇଡରର ସହାୟତା ନେବା, ଷ୍ଟାଫ୍ ନିଯୁକ୍ତି ବେଳେ ପରିଚୟ ପତ୍ରର ଯାଞ୍ଚ କରିବା, ଆଲାରାମ ବ୍ୟବସ୍ଥା, କାହା ଉପରେ ସନ୍ଦେହ ହେଲେ ପୋଲିସକୁ ୧୦୦ ନମ୍ବରରେ ଜଣାଇବା,



ବୈଠକରେ ଉପସ୍ଥିତ ଏସପି ଏବଂ ଅନ୍ୟମାନେ ।

ନୋ ହେଲମେଟ ନୋ ପେଟ୍ରୋଲ ପାଳନ ପାଇଁ ସଚେତନ କରିବା, ରାତିରେ ଷ୍ଟାଫ୍ ସଂଖ୍ୟା ବୃଦ୍ଧି କରିବାକୁ ଗାଇଡ୍‌ଲାଇନ ରହିଛି । ଆଲୋଚନା ବୈଠକରେ ଡିଏସପି କେଶବ ଚନ୍ଦ୍ର ବେହେରା, ଡିଏସପି ଦିଲୀପ କୁମାର ଦାଶ ଓ ଏସ୍. ପ୍ରଧାନଙ୍କ ସମେତ ଜିଲାର ୪୮ ପେଟ୍ରୋଲ ପମ୍ପର ମାଲିକମାନେ ଯୋଗ ଦେଇଥିଲେ।

**ସେମାନେ କୁହନ୍ତି...**

ଲୁଟ୍ ଓ ଅଘଟଣକୁ ରୋକିବାକୁ ହେଲେ ସୁରକ୍ଷା ନେଇ ଥିବା ଗାଇଡଲାଇନକୁ ପାଳନ କରିବାକୁ ପଡିବ । ପେଟ୍ରୋଲ ପମ୍ପ ମାଲିକମାନଙ୍କୁ ଏ ସମ୍ବନ୍ଧରେ ସଚେତନ କରାଯାଇଛି। ଜନସାଧାରଣ, ପେଟ୍ରୋଲ ପମ୍ପ ମାଲିକ ଓ କର୍ମଚାରୀ ଏବଂ ପୋଲିସ ମଧ୍ୟରେ ସୁସମ୍ପର୍କ ରହିଲେ ଲୁଟ୍ ଘଟଣା କମିପାରିବ।

**– ବ୍ରିଜେଶ କୁମାର ରଏ, ଏସ୍‌ପି**

ପୋଲିସର ଏପରି ସଚେତନ କାର୍ଯ୍ୟକ୍ରମ ଓ ଆଲୋଚନା ବେଶ୍ ପ୍ରଶଂସନୀୟ । ସୁରକ୍ଷା ନେଇ ଗାଇଡଲାଇନକୁ ପାଳନ କରୁଛୁ । ପରିଚୟ ପତ୍ର ରଖି ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦିଆଯାଉଛି । ଷ୍ଟାଫ୍‌ଙ୍କୁ ମଧ ସୁରକ୍ଷା ନେଇ ସଚେତନ କରାଯାଉଛି।

**– ରାଜେଶ କୁମାର ପାତ୍ର, କାରଗିଲ ପେଟ୍ରୋଲ ପମ୍ପ, ବ୍ରହ୍ମପୁର**

ଗାଇଡଲାଇନ୍ ପାଳନ ହେଉଛି । ଜନସାଧାରଣ ଓ ପେଟ୍ରୋଲ ପମ୍ପ ମାଲିକ ଓ କର୍ମଚାରୀ ସଚେତନ ହେଲେ ଦୁର୍ଘଟଣା ସହ ଅଘଟଣ କମିବ । ପୋଲିସ ପାଟ୍ରୋଲିଂର ମଧ ଆବଶ୍ୟକତା ରହିଛି । ଏଥିସହ ଲୋକଙ୍କ ସହ ସୁସମ୍ପର୍କ ରଖିବା ମଧ ଜରୁରୀ।

**– ଲକ୍ଷ୍ମୀ ପ୍ରସାଦ ନାୟକ, ପେଟ୍ରୋଲ ପମ୍ପ ମାଲିକ**

ନିର୍ବାଚନ ପରିପ୍ରେକ୍ଷୀରେ ନିଜ ପାଖରେ ଥିବା ପିସ୍ତଲକୁ ସ୍ଥାନୀୟ ଥାନାରେ ଜମା ରଖିବାର ନିୟମ ରହିଛି। ପୂର୍ବ ଭଳି ଆଗାମୀ ନିର୍ବାଚନ ବେଳେ ଆମ ପାଇଁ ଏହି ନିୟମରେ କୋହଳ କରିବା ଆବଶ୍ୟକ।

**– ଚନ୍ଦ୍ରଶେଖର ନାୟକ, ପେଟ୍ରୋଲ ପମ୍ପ ମାଲିକ**

ଏପରି ଆଲୋଚନା ଦ୍ୱାରା ଉଭୟ ପୋଲିସ ଓ ପେଟ୍ରୋଲ ପମ୍ପ ମାଲିକମାନଙ୍କ ମଧ୍ୟରେ ସୁରକ୍ଷା ପ୍ରସଙ୍ଗରେ ଭାବର ଆଦାନ ପ୍ରଦାନ ହୋଇପାରିଛି । ସୁରକ୍ଷା ନେଇ ଗାଇଡଲାଇନ ପାଳନ କରି ପଦକ୍ଷେପ ନେବା ଆବଶ୍ୟକ।

**– ପରବିନ୍ଦର ସିଂ, ପେଟ୍ରୋଲ ପମ୍ପ ମାଲିକ**

**ସଂକ୍ଷେପରେ**

## ରେଳଷ୍ଟେଶନ ପାଖରୁ ଗଞ୍ଜେଇ ଜବତ, ଜଣେ ଗିରଫ



**ବ୍ରହ୍ମପୁର ଅଫିସ୍,୨୭।୧୦:** ବ୍ରହ୍ମପୁର ଅବକାରୀ ବିଭାଗ ଶନିବାର ବ୍ରହ୍ମପୁର ରେଳଷ୍ଟେଶନ ନିକଟରୁ ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ମାଲକାନଗିରି ଜିଲା ପାଣ୍ଡିରିପାଣି ଅଞ୍ଚଳର ପଞ୍ଚାନନ ବାଗ୍ । ତାଙ୍କ ନିକଟରୁ ଏକ ଏୟାର୍ ବ୍ୟାଗ୍‌ରେ ୫ କେ.ଜି. ଗଞ୍ଜେଇ ଜବତ କରାଯାଇଛି । ଏ ନେଇ ଅବକାରୀ ବିଭାଗ ପକ୍ଷରୁ ନଂ. ୪୭/୧୮-୧୯ରେ ଏକ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି ।
ପ୍ରକାଶଯେ, ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମାଲକାନଗିରି ଅଞ୍ଚଳରୁ ବ୍ରହ୍ମପୁରରୁ ଟ୍ରେନ୍ ଯୋଗେ ଚୋରାରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇବା ପରେ ଅବକାରୀ ବିଭାଗ ପକ୍ଷରୁ ରେଳଷ୍ଟେଶନରେ ଚଢାଉ କରାଯାଇଥିଲା। ସନ୍ଦେହ ଜନକ ସ୍ଥିତିରେ ଥିବା ପଞ୍ଚାନନଙ୍କୁ ଯାଞ୍ଚ କରାଯିବା ସମୟରେ ତାଙ୍କ ପାଖରୁ ୫ କେ.ଜି. ଗଞ୍ଜେଇ ଥିବା ଜଣାପଡିଥିଲା।

## ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ଦାରିଙ୍ଗବାଡ଼ି,୨୭।୧୦ (ଡି.ଏନ.ଏ.):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରଥମେ ଅପହରଣ ଓ ପରେ ବଳାତ୍କାର ଅଭିଯୋଗରେ ଦାରିଙ୍ଗବାଡ଼ି ପୋଲିସ ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ନାଗାର୍ଜୁନ ପ୍ରଧାନ (୨୫) ।
ପ୍ରକାଶଯେ, ଯୁବକ ଜଣକ ଉକ୍ତ ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ତାଙ୍କ ଗାଁରୁ ୨ମାସ ହେଲା ଅପହରଣ କରି ଏକ ଅଜଣା ସ୍ଥାନରେ ରଖି ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ.୧୪୨/୧୮ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଯୁବକ ଜଣକ ନାବାଳିକାଙ୍କୁ ରଖିଥିବା ଖବର ପାଇ ଗିରଫ କରିଛି । ନାବାଳିକା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଥିବା ପୋଲିସ କହିଛି ।

## ପର୍ଯ୍ୟଟନସ୍ଥଳୀ ବୁଲି ଦେଖିଲେ ସ୍କୁଲ ଛାତ୍ରୀଛାତ୍ର

**ଗଞ୍ଜାମ,୨୭।୧୦(ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କ ସିଣ୍ଟମ ୱାର୍କ ସ୍କିଲ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍କୁଲରେ ତୃତୀୟ ଭାଷା ନୂତନ ଭାବେ ଆରମ୍ଭ ହୋଇଥିବା ଜଣାପଡ଼ିଛି । ଓଡ଼ିଆ, ଇଂଲିଶ ଭାଷା ଭଳି ଟ୍ରାଭେଲ ଏଣ୍ଡ ଟ୍ୟୁରିଜମ୍ ଏହି ତୃତୀୟ ଭାଷାର ନାମ ରଖାଯାଇଥିବା ୱାର୍କ ସ୍କିଲ ପକ୍ଷରୁ କୁହାଯାଇଛି । ଏଥିରେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ନେଇ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଭ୍ରମଣ କରାଯିବ ବୋଲି ସିଣ୍ଟମ ୱାର୍କ ସ୍କିଲ ପର୍ଯ୍ୟଟନ ପରିଭ୍ରମଣ ଶିକ୍ଷକ ବିଶ୍ୱ ପ୍ରତାପ ବୈରୀଗଞ୍ଜନ ସୂଚନା ଦେଇଛନ୍ତି। ଏହି କ୍ଲାସ ପ୍ରତିମାସରେ ତିନିଥର ହେବ ବୋଲି ଉକ୍ତ ସଂସ୍ଥା ପକ୍ଷରୁ କୁହାଯାଇଛି। ଶନିବାର ଖଣ୍ଡଦେଉଳି ଉଚ୍ଚ ବିଦ୍ୟାଳୟର ପ୍ରାୟ ୨୫ ଛାତ୍ରୀଛାତ୍ର ରମ୍ଭା ପାନ୍ଥ ନିବାସ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିଥିଲେ। ଏହି ଅବସରରେ ସେଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପାନ୍ଥ ନିବାସ ମୁଖ୍ୟ ପରିଚାଳକ ଚନ୍ଦ୍ରକାନ୍ତ ଦାସ, ଖଣ୍ଡଦେଉଳୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସିଲୁ କୁମାର ବେଜ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ଦାସଙ୍କ ସହ ସିଣ୍ଟମ ୱାର୍କ ସ୍କିଲ ଶିକ୍ଷକ ଆଲୋଚନା ପରେ ବୁଲିବାକୁ ଅନୁମତି ପ୍ରଦାନ କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ । ଏହା ପ୍ରଥମ ଥର ପାଇଁ ଗଞ୍ଜାମ ବ୍ଲକର ଏହି ସ୍କୁଲରେ ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟା ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପରିଭ୍ରମଣ ଶିକ୍ଷକ ବୈରୀଗଞ୍ଜନ କହିଛନ୍ତି ।

### ତିତ୍‌ଲି ପ୍ରଭାବିତଙ୍କୁ କ୍ଷତିପୂରଣ ଦାବି

# ଆରଡିସି ଅଫିସ ଆଗରେ ଏଆଇକେଏମ୍‌ଏସ୍‌ର ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୨୭।୧୦**

ଅଖିଳ ଭାରତ କିଶାନ ମଜଦୁର ସଭା (ଏଆଇକେଏମଏସ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଶନିବାର ଦକ୍ଷିଣାଞ୍ଚଳ ଆରଡିସିଙ୍କ ବ୍ରହ୍ମପୁରସ୍ଥ ଅଫିସ ଆଗରେ ବିକ୍ଷୋଭ ସମାବେଶ ହୋଇଥିଲା । ଦକ୍ଷିଣାଞ୍ଚଳର ତିତଲି ବାତ୍ୟା କ୍ଷତିଗ୍ରସ୍ତ ଲୋକଙ୍କୁ ପର୍ଯ୍ୟାପ୍ତ ରିଲିଫ, ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହ ଭିତ୍ତିଭୂମିର ତୁରନ୍ତ ପୁନଃ ନିର୍ମାଣ ଦାବି ନେଇ ଏହି ଆନ୍ଦୋଳନ କରାଯାଇଥିଲା । ଗଞ୍ଜାମ ଜିଲାର ପାତ୍ରପୁର, ଚିକିଟି, ଦିଗପହଣ୍ଡି, ସାନଖେମୁଣ୍ଡି, ଶେରଗଡ଼ ଓ ଧରାକୋଟ ବ୍ଲକର ବହୁ ସଂଖ୍ୟକ ଆଦିବାସୀ, ଅଣ ଆଦିବାସୀ କ୍ଷତିଗ୍ରସ୍ତ ମହିଳା, ପୁରୁଷ ଏଥିରେ ସାମିଲ ହୋଇଥିଲେ । ଏଆଇକେଏମଏସ୍ ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ଏହାର ନେତୃତ୍ୱ ନେଇଥିବା ବେଳେ ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ଜିଲା କମିଟି ସଦସ୍ୟ ପୀତବାସ ପ୍ରଧାନଙ୍କ ସମେତ ଲଡୁ କିଶୋର ଡ଼ାକୁଆ, ଲକ୍ଷ୍ମୀକାନ୍ତ ବିଶୋୟୀ ଓ ଅନ୍ୟମାନେ ଯୋଗ ଦେଇଥିଲେ ।

ବିକ୍ଷୋଭ ସ୍ଥଳରେ ଗଞ୍ଜାମ, ଗଜପତି, ରାୟଗଡ଼ା ଓ କନ୍ଧମାଳ ଜିଲାର ବ୍ୟାପକ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାର ଚିହ୍ନଟ କରିବା ଏବଂ ବିପନ୍ନ ଲୋକଙ୍କୁ ୧୫ ଦିନର ରିଲିଫ ବାବଦରେ ଖାଇବା ଖର୍ଚ୍ଚ ପରିବର୍ତ୍ତେ ସେମାନଙ୍କୁ ଖାଦ୍ୟ ସାମଗ୍ରୀ, ବାସନ କୁସନ, ଲୁଗାପଟା ଓ ଶୀତବସ୍ତ୍ର ପ୍ରଦାନ ପାଇଁ ଦାବି ହୋଇଥିଲା । ଫସଲ କ୍ଷତିଗ୍ରସ୍ତ ଚାଷୀ, ଭାଗଚାଷୀଙ୍କୁ ଏକର ପିଛା ୧୦ ହଜାର ଟଙ୍କା ଦିଆଯିବା, ଜଙ୍ଗଲ ଜମିପଟ୍ଟା ପାଇଥିବା ହିତାଧିକାରୀଙ୍କୁ ମଧ୍ୟ ଆବଶ୍ୟକ କ୍ଷତିପୂରଣ ଦେବା, ବାତ୍ୟାରେ ବାସଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ବାସଗୃହ ଯୋଗାଇବା ପାଇଁ ସ୍ଲୋଗାନ ଦିଆଯାଇଥିଲା। ଯେଉଁମାନେ ସରକାରୀ ଜମିରେ କାଜୁ, ଆମ୍ବ, କଦଳୀ, ରବର ସମେତ ବିଭିନ୍ନ ଅର୍ଥକାରୀ ଫସଲ କରି ନଷ୍ଟର ଶୀକାର ହୋଇଛନ୍ତି ସେମାନଙ୍କ ଜମିର ବିକାଶ ସହିତ ମାଗଣାରେ ଚାରା ଯୋଗାଇବାକୁ ଦାବି କରାଯାଇଥିଲା ।

ଗଜପତି ଜିଲା ଗଙ୍ଗାବାଡ଼, କଇଁପୁର ଓ କେରାଣ୍ଡି ଏବଂ ଗଞ୍ଜାମର ବୁରତାଲ, ଆଙ୍କୁଲି ଭଳି ଦୁର୍ଗମ ଆଦିବାସୀ ପଞ୍ଚାୟତର ବିଭିନ୍ନ ସ୍ଥାନରେ ବାତ୍ୟା ଓ ବନ୍ୟାରେ ବର୍ଷଯାକର ଫସଲ ନଷ୍ଟ ହୋଇଥିବାରୁ ସେମାନେ ବେରୋଜଗାରୀ ହୋଇଯାଇଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ସେମାନଙ୍କୁ କାମଧନ୍ଦା ଯୋଗାଇବାକୁ ଦାବି ହୋଇଛି । ଏହି ଭୟଙ୍କର ପ୍ରାକୃତିକ ଦୁର୍ବିପାକରେ ନଷ୍ଟଭ୍ରଷ୍ଟ ହୋଇଥିବା ରାସ୍ତାଘାଟ, କଲଭର୍ଟ ଗୁଡ଼ିକର ଅବିଳମ୍ବେ ପୁନଃ ନିର୍ମାଣ, କ୍ଷତିଗ୍ରସ୍ତ ଅଞ୍ଚଳରେ ଚଳିତ ବର୍ଷର ଜମି ସିସ୍ତ(ରାଜସ୍ୱ କର), ଜଳକର, ଚାଷୀଙ୍କ କୃଷିଋଣ ଏବଂ ସ୍କୁଲ କଲେଜ ପିଲାଙ୍କ ପରୀକ୍ଷା ଫି ସମ୍ପୂର୍ଣ୍ଣ ଛାଡ଼ ସହିତ ଭୂ-ସ୍ଖଳନର ବିପଦ ଥିବା ପାହାଡ଼ିଆ ଗାଁଗୁଡିକୁ ସରକାର ଚିହ୍ନଟ କରି ସେଠାର ଲୋକଙ୍କୁ ତଳ ଅଞ୍ଚଳରେ ଜମି ଏବଂ ସମସ୍ତ ସୁବିଧା ଥିବା ଘର ଯୋଗାଇବାକୁ ଏଆଇକେଏମଏସ ଦାବି କରିଛି। ଉପରୋକ୍ତ ଦାବି ସମ୍ବଳିତ ସ୍ମାରକପତ୍ର ଆରଡିସିଙ୍କୁ ପ୍ରଦାନ କରାଯାଇଥିଲା। ଅନୁସଚିବ ଦାବିପତ୍ର ଗ୍ରହଣ କରିଥିଲେ ।



ଏଆଇକେଏମଏସ୍ ପକ୍ଷରୁ ଆରଡିସି ଅଫିସ ଆଗରେ ବିକ୍ଷୋଭ ।

## ଗୋଡ଼ ହରାଇଥିବା ସନ୍ତୋଷ ଘରକୁ ଫେରିଲେ

**ବ୍ରହ୍ମପୁର ଅଫିସ୍,୨୭।୧୦**

ଟ୍ରେନ୍ ଦୁର୍ଘଟଣାରେ ଦୁଇ ଗୋଡ ହରାଇଥିବା ସନ୍ତୋଷ ଶବରଙ୍କୁ ଶନିବାର ପ୍ରଶାସନ ସହାୟତାରେ ନିଜ ଘରକୁ ପଠାଯାଇଛି। ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ ବଡମେଡିକାଲ ଯାଇ ଗୋଡ ହରାଇଥିବା ସନ୍ତୋଷଙ୍କୁ ଭେଟିଥିଲେ । ତାଙ୍କର ଚିକିତ୍ସା ଏବଂ ଅନ୍ୟାନ୍ୟ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବା ପରେ ସନ୍ତୋଷଙ୍କ ନିଜ ଘର ରାୟଗଡା ଜିଲା ଗୁଣପୁର ବ୍ଲକ ଅଞ୍ଜସିଂ ଗ୍ରାମକୁ ଆମ୍ବୁଲାନ୍ସ ଯୋଗେ ପଠାଇଥିଲେ । ଏହା ସହିତ କିଛି ଆର୍ଥିକ ସାହାଯ୍ୟତା ମଧ୍ୟ ଦେଇଥିଲେ । ପ୍ରକାଶଯେ, ଯୁକ୍ତ ୩ ବିଜ୍ଞାନରେ ଅଧ୍ୟୟନରତ ସନ୍ତୋଷ ଟ୍ରେନ୍‌ରେ ନିଜ ଘରକୁ ଫେରୁଥିବା ବେଳେ କାଶୀନଗର ରେଲବାଇ ପ୍ଲାଟଫର୍ମରେ ଟ୍ରେନରୁ ଓହ୍ଲାଉଥିବା ସମୟରେ ତାଙ୍କ ଗୋଡ ରେଳ ଲାଇନ୍ ମଧ୍ୟକୁ ଖସିଯାଇଥିଲା। ଫଳରେ ସନ୍ତୋଷ ଗୁରୁତର ହୋଇଥିଲେ । ପ୍ରଥମେ କାଶୀନଗର ଏବଂ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଗୋଡ ଦୁଇଟିକୁ ଅସ୍ତ୍ରୋପଚାର କରି କାଟି ଦେଇଥିଲେ । ଦୀର୍ଘ ଦୁଇମାସରୁ ଊର୍ଦ୍ଧ୍ୱ ଦିନ ହେଲା ସନ୍ତୋଷ ଚିକିତ୍ସିତ ହେବା ପରେ ଶୁକ୍ରବାର ଡାକ୍ତର ଡିସ୍‌ଚାର୍ଜ କରିବା ପାଇଁ ପରାମର୍ଶ ଦେଇଥିଲେ।


ସନ୍ତୋଷଙ୍କୁ ଆମ୍ବୁଲାନ୍ସ ଯୋଗେ ଗାଁକୁ ପଠାଯାଉଛି ।

## ୯ ଦଫା ଦାବି କଲେ ବରିଷ୍ଠ ନାଗରିକ


ଫୋରମ୍ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି।

**ବ୍ରହ୍ମପୁର ଅଫିସ,୨୭।୧୦**

ଗଞ୍ଜାମ ଜିଲା ବିଜୁ ପଟ୍ଟନାୟକ ସିନିୟର୍ ସିଟିଜେନ୍ ଫୋରମ୍ ବ୍ରହ୍ମପୁର ତରଫରୁ ଶନିବାର ୯ଦଫା ଦାବି ପୂରଣ ପାଇଁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ପ୍ରଦାନ କରାଯାଇଛି। ମଧ୍ୟବିତ୍ତ ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଜନା, ସହରାଞ୍ଚଳ ବରିଷ୍ଠ ନାଗରିକଙ୍କୁ ସୁଲଭ ମୂଲ୍ୟରେ ଗହମ, ଦୀର୍ଘ ଦିନ ହେଲା ସହରରେ ରହୁଥିବା ବରିଷ୍ଠ ନାଗରିକଙ୍କୁ ସୁଲଭ ମୂଲ୍ୟରେ ଘର, ବସ୍‌ରେ ସୁଲଭ ମୂଲ୍ୟରେ ଯାତ୍ରା, ଚିତ୍ତବିନୋଦନ କେନ୍ଦ୍ର ଖୋଲିବା, ଫୋରମ୍‌କୁ ମାଗଣା କିମ୍ବା ବିନା ପ୍ରିମିୟମ୍‌ରେ ଜାଗା ଯୋଗାଇ ଦେବା, ବରିଷ୍ଠ ନାଗରିକଙ୍କ କମିଟି ବୈଠକ ଠିକ୍ ସମୟରେ ଡାକିବା, ପାଲୁର୍ ହିଲ୍‌ରେ ନିର୍ମାଣାଧୀନ ଜରା ନିବାସକୁ ତୁରନ୍ତ କାର୍ଯ୍ୟକ୍ଷମ ସହ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌ରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ଫୋରମ୍ ସଭାପତି ରାସବିହାରୀ ଦାସ, ଉପସଭାପତି ପ୍ରଭାକର ସାହୁ, ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାରଣା, କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ପାତ୍ର, ରବୀନ୍ଦ୍ର କୁମାର ମହାରଣା, ଭାସ୍କର ବେହେରା, ନିରଞ୍ଜନ ମହାନ୍ତି, ହରିବନ୍ଧୁ ଦାସ, ବନମାଳୀ ବିଶ୍ୱାଳ, ଏଟ୍‌ଟି ଡେଭିଡ୍, ପୁନାନନ୍ଦ ରଥ, ହନକ ସାହୁ, କୃଷ୍ଣଚନ୍ଦ୍ର ଜେନା, ପ୍ରଶାନ୍ତ କୁମାର ମହାପାତ୍ର, ମନମୋହନ ପରିଚ୍ଛା, ଜୟନ୍ତ ଲାଲ୍, ବିଘ୍ନେଶ୍ୱର ପାଢୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଜିଲା ଭାରୋତ୍ତୋଳନ ପ୍ରତିଯୋଗିତା ଉଦ୍‌ଘାଟିତ


ଅତିଥିଙ୍କ ଗହଣରେ ଖେଳାଳି ଏବଂ ଆୟୋଜକମାନେ ।

**ବ୍ରହ୍ମପୁର ଅଫିସ,୨୭।୧୦**

ସ୍ଥାନୀୟ ଗୋସାଇଁନୂଆଗାଁ ଶଙ୍କର ଭବନରେ ଜିଲାସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଗଞ୍ଜାମ ଜିଲା ଭାରୋତ୍ତୋଳନ ସଂଘ ତରଫରୁ ଆୟୋଜିତ ଏହି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ । ଆସିକା ଏମ୍‌ପି ଲଡୁକିଶୋର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଜିଲା ସଂଘ ସଭାପତି କୁମୁଦ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଆର୍ନ୍ତଜାତୀୟ ଭାରୋତ୍ତୋଳକ କେ. ରବି କୁମାର, ଅବସରପ୍ରାପ୍ତ ଅତିରିକ୍ତ ଏସ୍‌ପି ବି.ପି. ମହାନ୍ତି, ରାଜ୍ୟ ଭାରୋତ୍ତୋଳନ ସଂଘ ସମ୍ପାଦକ ନାରାୟଣ ସାହୁ, ଜିଲା ସଂଘ ଉପଦେଷ୍ଟା ରବି ରଥ, ସମ୍ପାଦକ ଗାଗାରିନ୍ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ଶଙ୍କର ଫିଜିକାଲ୍ କ୍ଲବ, ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ, ବୀର ହନୁମାନ କ୍ଲବ, ଗ୍ରାମ ବିକାଶ, ବାଲୁଙ୍କେଶ୍ୱର କ୍ଲବ, ମହାମାୟୀ ବ୍ୟାୟାମ କେନ୍ଦ୍ର ଖେଳାଳିମାନେ ଭାଗନେଇଛନ୍ତି । ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିଙ୍କୁ ଆସନ୍ତା ମାସରେ କବିସୂର୍ଯ୍ୟନଗରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗଞ୍ଜାମ ଜିଲାରୁ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ମିଳିବ। ରମେଶ ଚନ୍ଦ୍ର ପାଢୀ, ସୀତା ପ୍ରସାଦ ପଟ୍ଟନାୟକ, ସୀତା ଜେନା, ମାମା ମହାନ୍ତି, ଯଜ୍ଞନାରାୟଣ ନନ୍ଦ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଉଦୟନାଥ ସେଠୀ, ଭାସ୍କର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ଲକ୍ଷ୍ମୀନାରାୟଣ ରାଉତ, ବଳରାମ ସାହୁ, କାଳିଆ ବେହେରା ଓ ମନୋରଞ୍ଜନ ଦଳାଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ସଡ଼କ ଦୁର୍ଘଟଣାରେ ଚିକିତ୍ସାଧୀନ ବ୍ୟକ୍ତିଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୭।୧୦**

ଏକ ସଡକ ଦୁର୍ଘଟଣାରେ ଚିକିତ୍ସାଧୀନ ଜଣେ ବ୍ୟକ୍ତିଙ୍କର ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି । ସେ ହେଲେ କୋଟପଡା ନିକଟସ୍ଥ ମଛିଆ ଗ୍ରାମର କିରଣ ରନ୍ଧାରୀ (୫୦) । କିରଣ ବାଲୁଗାଁର ଏକ କନଷ୍ଟ୍ରକଶନ୍ ପ୍ରୋଜେକ୍ଟରେ ଶ୍ରମିକ ଭାବେ କାର୍ଯ୍ୟରତ ଥିଲେ । ଶୁକ୍ରବାର ଅପରାହ୍ନରେ ଚାଲିଥିବା କନଷ୍ଟ୍ରକଶନ୍ ପ୍ରୋଜେକ୍ଟରେ ରାସ୍ତା ପାର୍ଶ୍ୱରେ କିରଣ ଠିଆ ହୋଇ ରହିଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ହୋଇଥିଲେ । ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ. ୫୫୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ସୂତ୍ରରୁ ପ୍ରକାଶ ।

## ସାପ କାମୁଡ଼ାରେ ବୃଦ୍ଧ ମୃତ

**ବ୍ରହ୍ମପୁର ଅଫିସ,୨୭।୧୦**

ସାପ କାମୁଡାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଧରାକୋଟ ଥାନା ଚାଞ୍ଚିଡାପଲ୍ଲୀ ଗ୍ରାମର ଅପୂର୍ବ ଜେନା (୮୦)। ଅପୂର୍ବ ଗୁରୁବାର ରାତିରେ ଶୋଇଥିବା ବେଳେ ତାଙ୍କୁ ସାପ କାମୁଡିଥିଲା। ଶୁକ୍ରବାର ପରିବାର ବର୍ଗ ତାଙ୍କୁ ପ୍ରଥମେ ଆସିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି । ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ ୫୫୦/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ସୂତ୍ରରୁ ପ୍ରକାଶ ।

### କୋଠରସିଙ୍ଗି ଗଣ୍ଡଗୋଳ ଘଟଣା

## ପୋଲିସ ଅନ୍ୟାୟର ପ୍ରତିବାଦ

**ବ୍ରହ୍ମପୁର ଅଫିସ୍,୨୭।୧୦:** ଗଞ୍ଜାମ ଜିଲା ଗୋଳନ୍ଥରା ଥାନା କୋଠରସିଙ୍ଗି ଗ୍ରାମରେ ଗତ ୧୯ ତାରିଖରେ ଏକ ଗଣ୍ଡଗୋଳ ଘଟିଥିଲା । ଏହି ଘଟଣାରେ ପୋଲିସ ଅନ୍ୟାୟ ଏବଂ ବେଆଇନ କାର୍ଯ୍ୟର ପ୍ରତିବାଦ କରି ଶନିବାର ସରପଞ୍ଚ ଏମ୍.ସୁଜାତା ରେଡ୍ଡୀ ଏବଂ ପୂର୍ବତନ ଜିଲା ପରିଷଦ ସଭ୍ୟ ଏନ୍.ଡମ୍ବୁରୁ ରେଡ୍ଡୀ ପ୍ରମୁଖ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କୁ ସାକ୍ଷାତ କରି ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।
ପ୍ରକାଶଯେ, ଗତ ୧୯ ତାରିଖ ରାତିରେ ଘଟିଥିବା ଗଣ୍ଡଗୋଳ ଏବଂ ମାରପିଟକୁ ନେଇ ଥାନାରେ ଉଭୟ ପକ୍ଷରୁ ଏତଲା ଦିଆଯାଇଥିଲା। ଆକ୍ରମଣ ପ୍ରତି ଆକ୍ରମଣରେ ୩ ଜଣ ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ମେଡ଼ିକାଲରୁ ଡିସ୍‌ଚାର୍ଜ ହେବା ପରେ ସେମାନଙ୍କୁ ଗିରଫ କରାଯାଇଛି । ଆହତମାନେ ହେଲେ ଗୋଟିଏ ପକ୍ଷର ପାତିରି ପୁରୁଷୋତ୍ତମ, ଅନ୍ୟ ପକ୍ଷର ସିଲୁ ଗୌଡ ଓ ରାଜେଶ କୁମାର ସାହୁ । ପ୍ରାପ୍ତ ସୂଚନା ମୁତାବକ ଗତ ୧୯ ତାରିଖ ରାତି ପ୍ରାୟ ୧୧ଟାରେ ଗାଁର ବାଲାଜୀମଠରେ ପୁରୁଷୋତ୍ତମ ବସିଥିବା ବେଳେ ସିଲୁ ଏବଂ ରାଜେଶ ଆସି ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ନଂ ୧୯୨/୧୮ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ସେହିପରି ସିଲୁ ଏବଂ ରାଜେଶ ରାସ୍ତାରେ ଯାଉଥିବା ବେଳେ ପୁରୁଷୋତ୍ତମ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ ବୋଲି ଥାନାରେ ଅଭିଯୋଗ ହେବା ପରେ ସିଲୁଙ୍କ ଏତଲା କ୍ରମେ ପୋଲିସ ନଂ. ୧୯୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ପୁରୁଷୋତ୍ତମଙ୍କ ଅଭିଯୋଗ କ୍ରମେ ପୋଲିସ ସିଲୁ ଓ ରାଜେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସିଲୁଙ୍କ ଅଭିଯୋଗ କ୍ରମେ ଗତ ୨୫ ତାରିଖରେ ପୁରୁଷୋତ୍ତମଙ୍କୁ ବଡ ମେଡିକାଲରୁ ଡିସ୍‌ଚାର୍ଜ ହେବା ସମୟରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। କେତେକ ମଦବ୍ୟବସାୟୀ ଏବଂ ରାଜନୈତିକ ବ୍ୟକ୍ତିଙ୍କ ପ୍ରରୋଚନାରେ ଗୋଳନ୍ଥରା ଥାନା କର୍ତ୍ତୃପକ୍ଷ ମିଥ୍ୟା ମାମଲା ରୁଜୁ ସହ ପୁରୁଷୋତ୍ତମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ବୋଲି ସରପଞ୍ଚ, ପୂର୍ବତନ ଜିଲାପରିଷଦ ସଭ୍ୟ ଅଭିଯୋଗ କରିଛନ୍ତି । ଗୋଳନ୍ଥରା ଆଇଆଇସି ଆଲୋକ ଜେନାଙ୍କୁ ପଚରାଯିବାରୁ ଉଭୟ ପକ୍ଷଙ୍କ ଏତଲାକୁ ଭିତ୍ତିକରି ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଜନୈତିକ ଫାଇଦା ହାସଲ କରିବା ପାଇଁ ଏଭଳି ଭିତ୍ତିହୀନ ଅଭିଯୋଗ କରାଯାଉଛି ବୋଲି ସେ କହିଛନ୍ତି ।

**ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ସ୍ମାରକ ପତ୍ର**

### ବ୍ରହ୍ମପୁରରେ ପହଞ୍ଚିଲା ମୁଁ ହିରୋ ମୁଁ ଓଡ଼ିଶା ରଥ

## ବିଜୁ ବାବୁଙ୍କ ଭଳି ଯୁବପିଢି ସାହସୀ ହେବାକୁ ଆହ୍ୱାନ

**ବ୍ରହ୍ମପୁର ଅଫିସ, ୨୭।୧୦**

ସମାଜକୁ ଅନୁପ୍ରାଣିତ କରି ରାଜ୍ୟକୁ ଗୌରବାନ୍ୱିତ କରଥିବା ପ୍ରତିଭା ସମ୍ପନ୍ନ ଯୁବତୀଯୁବକଙ୍କୁ ଖୋଜି ବାହାର କରିବା ଓ ଅନ୍ୟ ଯୁବପିଢିଙ୍କୁ ପ୍ରେରଣା ଦେବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଯୁବପିଢିଙ୍କୁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ନେଇ ରାଜ୍ୟଭ୍ରମଣରେ ବାହାରି ଥିବା ମୁଁ ହିରୋ ମୁଁ ଓଡିଶା ରଥ ବ୍ରହ୍ମପୁରରେ ପହଞ୍ଚିଛି । ଶୁକ୍ରବାର ସନ୍ଧ୍ୟାରେ ଏହି ରଥ ବ୍ରହ୍ମପୁରରେ ପହଞ୍ଚିବା ପରେ ମହାନଗର ବିଜୁ ଯୁବ ବାହିନୀ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିବା ବେଳେ ଶନିବାର ପୂର୍ବାହ୍ନରେ ଏକ ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁଭାରମ୍ଭ କରିଥିଲେ। ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଡେପୁଟି କମିଶନର ସୌରୀନ୍ଦ୍ର ରାଉତରାୟ ଉପସ୍ଥିତ ଥିଲେ । ଶୋଭାଯାତ୍ରା ଟାଉନଥାନାରୁ ବାହାରି ସହର ପରିକ୍ରମା କରି ଖଲ୍ଲିକୋଟ କଲେଜ ଖେଳପଡିଆରେ ପହଞ୍ଚିଥିଲା । ଏହାପରେ ସେଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ରହ୍ମପୁର ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପଣିଗ୍ରାହୀ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ମହିଳା ସଭାନେତ୍ରୀ ସଙ୍ଘମିତ୍ରା ଦଳାଇ, ଟି.ଗୋପୀ, ପୂର୍ବତନ କର୍ପୋରେଟର ତ୍ରିପତି ପାତ୍ର, ସେଲ୍ଫ ଡିଫେନ୍ସ କାର୍ଯ୍ୟକ୍ରମର ଜିଲା ସଂଯୋଜକ ଅମୃତ କୁମାର ସେଠୀ, ବିଜେଡି ନଗର ସଭାପତି ବିଜୟ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ । ବିଜୁ ଯୁବ ବାହିନୀ ଓ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ବିଜୁ ଯୁବ ବାହିନୀର ବ୍ରହ୍ମପୁର ମହାନଗର ନିଗମ ସଂଯୋଜକ ଜେ. ଚନ୍ଦ୍ରଶେଖର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା । ଆନ୍ତର୍ଜାତୀୟସ୍ତରୀୟ ପୁରସ୍କାର ପ୍ରାପ୍ତ ଓଡିଶୀ ନୃତ୍ୟଶିଳ୍ପୀ ଦୀପ୍ତିମୟୀ ସାହୁଙ୍କୁ ବ୍ରହ୍ମପୁର ସହରର ହିରୋ ଭାବେ ପୁରସ୍କୃତ କରାଯାଇଥିଲା। ଟାଏକୋଣ୍ଡୋ ଆସୋସିଏଶନ ବ୍ରହ୍ମପୁର ପକ୍ଷରୁ ମାର୍ସଲ ଆର୍ଟ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ବିଜୁ ଯୁବ ବାହିନୀର ଯୁବତୀ ଯୁବକମାନେ ନାରୀ ସଶକ୍ତୀକରଣ, ନାରୀଶିକ୍ଷା ଉପରେ ନାଟକ ପରିବେଷଣ କରିଥିଲେ ।


ଖଲ୍ଲିକୋଟ କଲେଜ ଖେଳପଡିଆରେ ଅତିଥି ମାନେ ମୁଁ ହିରୋ ମୁଁ ଓଡିଶା ରଥକୁ ସ୍ୱାଗତ ଜଣାଉଛନ୍ତି ।

## ଏ ସପ୍ତାହର କାର୍ଯ୍ୟକ୍ରମ

**୨୮।୧୦।୨୦୧୮ (ରବିବାର)**

- ଲକ୍ଷ୍ମୀ ବଜାର ପୂଜାମଣ୍ଡପର ଗଜଲକ୍ଷ୍ମୀ ବିସର୍ଜନ ଶୋଭାଯାତ୍ରା। ସ୍ଥାନ-ଲକ୍ଷ୍ମୀ ବଜାର ପୂଜା ମଣ୍ଡପ- ଜି.ଉଦୟଗିରି, ସମୟ- ସନ୍ଧ୍ୟା ୬ଟା।
- ବରାଳିନୀ ବଜାର ପୂଜାମଣ୍ଡପର ଗଜଲକ୍ଷ୍ମୀ ବିସର୍ଜନ। ସ୍ଥାନ- ବରାଳିନୀ ବଜାର ପୂଜାମଣ୍ଡପ, ସମୟ- ସନ୍ଧ୍ୟା ୭ଟା।
- ବନ କୁସୁମ ଅନୁଷ୍ଠାନର ମାସିକ ସାହିତ୍ୟ ଆସର। ସ୍ଥାନ-ଗଞ୍ଜାମ କଳା ପରିଷଦ। ସମୟ-ଅପରାହ୍ନ ୪ ଟା
- ଭିକାରୀ ବଳ ସଙ୍ଗୀତ ପ୍ରତିଯୋଗିତା । ସ୍ଥାନ-ଗଞ୍ଜାମ କଳା ପରିଷଦ । ସମୟ-ପୂର୍ବାହ୍ନ ୧୦ଟା
- ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନ-ବିଜିପୁର ସନ୍ତୋଷୀ ମା' ମନ୍ଦିର। ସମୟ-ସକାଳ ୮ଟା ।
- ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା। ସ୍ଥାନ-ବିଜିପୁର ସନ୍ତୋଷୀ ମା' ମନ୍ଦିର। ସମୟ-ସକାଳ ୮ଟା ।

**୩୦।୧୦।୨୦୧୮ (ମଙ୍ଗଳବାର)**

- ଜି.ଉଦୟଗିରି ଭାଜପାର ପ୍ରତିବାଦ ସଭା, ଶୋଭାଯାତ୍ରା। ସ୍ଥାନ- ନୂଆହାଟ ପଡିଆଠାରୁ ଜି.ଉଦୟଗିରି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ- ପୂର୍ବାହ୍ନ ୧୧ଟା।
- ୫୬ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା। ସ୍ଥାନ-ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆ। ସମୟ-ସକାଳ ୮ଟା ।
- ୫୬ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ-ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆ, ସମୟ-ସକାଳ ୮ଟା ।

**୩।୧୧।୨୦୧୮ (ଶନିବାର)**

- କନ୍ଧମାଳ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମ। ସ୍ଥାନ- ନୂଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଲିଗୁଡା,ସମୟ-ପୂର୍ବାହ୍ନ ୧୦ଟା।

## ଏଟିଏମ୍ କାଉଣ୍ଟରରୁ ବ୍ୟାଟେରି ଚୋରି

**ଗୋପାଳପୁର,୨୭।୧୦:** ଗୋପାଳପୁର ଥାନା ଶରଧାବାଲି ଛକ ନିକଟରେ ଥିବା ଏସବିଆଇ ଏଟିଏମରୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ୮ଟି ବ୍ୟାଟେରି ଚୋରି କରି ନେଇଛନ୍ତି। ଏହାର ଆନୁମାନିକ ମୂଲ୍ୟ ୫୦ ରୁ ୬୦ ହଜାର ଟଙ୍କା ହେବ। ଖବର ପାଇ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଗୋପାଳପୁର ଥାନାରେ ଏତଲା ଦେବାପରେ ପୋଲିସ ନଂ.୧୩୬/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏନେଇ ସଦର ଏସଡିପିଓ ଅଶୋକ ମହାନ୍ତିଙ୍କ ସହ ଯୋଗାଯୋଗ କରିବାରୁ ସିସିଟିଭି ଫୁଟେଜରୁ ୨ଜଣ ବ୍ୟକ୍ତି ସମ୍ପୃକ୍ତ ଥିବା ଜଣାପଡ଼ିଛି, ଖୁବଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି। ପୋଲିସ ପ୍ରଶାସନ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଏଟିଏମ୍ ସୁରକ୍ଷା ନେଇ ବାରମ୍ବାର ତାଗିଦ୍ କରୁଥିଲେ ମଧ ଏଥିପ୍ରତି ବ୍ୟାଙ୍କ ଗୁଡିକ ଆଦୌ ଦୃଷ୍ଟି ଦେଉ ନ ଥିବାରୁ ଏଭଳି ଘଟୁଥିବା ଆଲୋଚନା ହେଉଛି।

## ରାଜେନ୍ଦ୍ର ଖଲ୍ଲିକୋଟ ବାର୍ ସଭାପତି

**ଖଲ୍ଲିକୋଟ, ୨୭।୧୦ (ଡି.ଏନ.ଏ.):** ଖଲ୍ଲିକୋଟ ବାର ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜେନ୍ଦ୍ର ପ୍ରସାଦ ରଥ ସଭାପତି, ବସନ୍ତ କୁମାର ପଣ୍ଡା ଉପସଭାପତି ନୀଳାମ୍ବର ଶତପଥୀ ସମ୍ପାଦକ, ସନ୍ତୋଷ କୁମାର ମିଶ୍ର, ଲାଇବ୍ରେରୀ ଓ ସେମିନାର ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ତଥା ନୋଟାରୀ ବିନାୟକ ସାହୁ ପରିଚାଳନା କରିଥିଲେ।

### ■ ଆଇନଶୃଙ୍ଖଳା ପରିସ୍ଥିତି ଢ଼ିଲା

# ତିତ୍‌ଲିକୁ ନେଇ ପ୍ରଶାସନ ଚୁପ୍

**ଦାରିଙ୍ଗବାଡ଼ି,୨୭।୧୦(ଡି.ଏନ.ଏ.)**


ଖବରଦାତା ସମ୍ମିଳନୀରେ ବିଧାୟକ ଯାକବ ପ୍ରଧାନ ଓ ଅନ୍ୟମାନେ।

କନ୍ଧମାଳ ଜିଲାରେ ବିଶେଷ କରି ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ଯାଇଥିବା ସହ ଅଞ୍ଚଳରେ ଅରାଜକତା ଦେଖାଯାଇଛି। ସରକାରଙ୍କ ଏଠି କୌଣସ ଦୃଷ୍ଟି ପଡୁନାହିଁ। ଜିଲାରେ ଲୋକ ପ୍ରତିନିଧିମାନେ ପ୍ରାୟତ ଜନଜାତି ସମ୍ପ୍ରଦାୟର ହୋଇଥିବାରୁ ଜିଲା ପ୍ରଶାସନ ସେମାନଙ୍କୁ ଅବହେଳା କରୁଛି । ୱାର୍ଡ଼ ସଭ୍ୟଙ୍କଠାରୁ ବିଧାୟକଙ୍କ ପର୍ଯ୍ୟନ୍ତ ସମସ୍ତେ ଉପେକ୍ଷା ହେଉଥିବା ସେ ବିଧାୟକ ଯାକବ ପ୍ରଧାନ କହିଛନ୍ତି । ଏନେଇ ସେ ବିଧାନସଭାରେ ମଧ ଏ ପ୍ରସଙ୍ଗରେ ଉଠାଇଥିଲେ ସୁଦ୍ଧା ପ୍ରଶାସନ ଏବଂ ସରକାର ନିରବ ରହିଥିବା ଅଭିଯୋଗ କରିଛନ୍ତି । ପ୍ରଶାସନ ଏହି ଜନଜାତି ଲୋକଙ୍କୁ ଉପେକ୍ଷା କରୁଥିବା ନେଇ ଜି.ଉଦୟଗିରି ବିଧାୟକ ଯାକବ ପ୍ରଧାନ ଶନିବାର ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି । ସେ କହିଛନ୍ତି, ତିତ୍‌ଲି ଝଡ଼ ବାତ୍ୟାରେ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ବହୁ କ୍ଷୟକ୍ଷତି ଘଟିଲା । ଜନଜୀବନ ସୁରକ୍ଷିତ ରହିଥିଲେ ମଧ ଗୃହ ପାଳିତ ପ୍ରାଣୀଙ୍କ ଜୀବନ ହାନି ହେଲା। ସେହିପରି ଟପେରୀ ସମେତ ସିଆଙ୍ଗବାଲି, ତାଜୁଙ୍ଗିଆ, ବ୍ରାହ୍ମଣୀଗାଁ ଓ କାଟିଙ୍ଗିଆ ଆଦି ୨୫ ପଞ୍ଚାୟତରେ ବହୁ ଫସଲ ନଷ୍ଟ ହେବା ସହ ଗରିବ ଲୋକଙ୍କ ଘର ଭାଙ୍ଗି ନଷ୍ଟ ହୋଇଛି । ଏପର୍ଯ୍ୟନ୍ତ ସେହି ସବୁ କ୍ଷତିଗ୍ରସ୍ତ ଅଞ୍ଚଳକୁ ପ୍ରଶାସନ ବୁଲି ଦେଖିନାହିଁ କି ତାଙ୍କର କ୍ଷୟକ୍ଷତି ଆକଳନ କରି ନ ଥିବା ଅଭିଯୋଗ କରିଛନ୍ତି। ବିପନ୍ନଙ୍କୁ ପଲିଥିନ ଚାରିଫାଳ କରି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି । ତହସିଲଦାର ଏବଂ ବିଡିଓ ଘଟଣାସ୍ଥଳକୁ ବୁଲି ସମସ୍ତ କ୍ଷୟକ୍ଷତିର ଠିକ ଆକଳନ କରିବା ଆବଶ୍ୟକ ନ ହେଲେ ଆଗାମି ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି । ସେହିପରି ସେ ଅଭିଯୋଗ ଆଣିଛନ୍ତି, ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା କାଟିଙ୍ଗିଆରେ ଏପ୍ରିଲରେ ଜଣଙ୍କୁ ହତ୍ୟା କରାଯାଇଥିଲା। ପରେ ଏହାକୁ ଷଣ୍ଢ ଆକ୍ରମଣରେ ମୃତ୍ୟୁ ହୋଇଥିବା ହତ୍ୟାକାରୀ ପ୍ରଚାର କରିବା ସହ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। କିଛିଦିନ ପରେ ଏହା ହତ୍ୟା କରାଯାଇଥିବା ତଥ୍ୟ ପଦାକୁ ଆସିବା ସହ ହତ୍ୟା କରାଯାଉଥିବା ଦୁଇଜଣ ଦେଖିଥିବା ଏବଂ ପରବର୍ତ୍ତୀ ସମୟରେ ସାକ୍ଷୀ ପ୍ରଦାନ କରୁଥିଲେ ସୁଦ୍ଧା ସାକ୍ଷୀଙ୍କୁ ପ୍ରଭାବିତ କରାଯିବା ସହ ତାଙ୍କୁ ଅପହରଣ ଉଦ୍ୟମ କରାଯାଉଥିବା ବିଧାୟକ ପ୍ରଧାନ ଖବରଦାତା ସମ୍ମିଳନୀରେ କହିଛନ୍ତି । ଏନେଇ ବ୍ରାହ୍ମଣୀଗାଁରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ବେଳେ ହତ୍ୟାକାରୀଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି । ସେହିପରି ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ସାକ୍ଷୀଙ୍କୁ ଥାନାରେ ଅଟକ ରଖିବା, ପୋଲିସ ବିରୋଧରେ ହତ୍ୟା ମାମଲାର ସାକ୍ଷୀ ଥିବା ହୋମଗାର୍ଡ଼ ଜଣକ କହୁଥିବାରୁ ତାଙ୍କୁ ହଇରାଣ କରାଯାଉଥିବା ବିଧାୟକ ଅଭିଯୋଗ କରିଛନ୍ତି । ସାକ୍ଷୀଙ୍କ ପରିବାର

### କାଟିଙ୍ଗିଆ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫରେ ବିଳମ୍ବ କରୁଛି ପୋଲିସ

ଭୟଭୀତ ହୋଇ ରହିଥିବା ବେଳେ ହତ୍ୟାକାରୀଙ୍କୁ ପୋଲିସ ଗିରଫ କରିବା ବଦଳରେ ସାକ୍ଷୀ ଦେଇଥିବା ବ୍ୟକ୍ତିଙ୍କୁ ହଇରାଣ କରିବା ସହ ସେ ବ୍ରାହ୍ମଣୀଗାଁ ଥାନା ହୋମଗାର୍ଡ଼ ହୋଇଥିବାରୁ ତାଙ୍କ ଭତ୍ତା ପ୍ରଦାନକୁ ବନ୍ଦ କରାଯାଇଛି । ଏହା ମନ୍ଦ ଉଦ୍ଦେଶ୍ୟରେ ବନ୍ଦ କରାଯାଇଥିବା ନେଇ ସାକ୍ଷୀ ଥିବା ହୋମଗାର୍ଡ଼ ଓ ତାଙ୍କ ସ୍ତ୍ରୀ ବିଧାୟକଙ୍କ ସମେତ ଜିଲା ପୋଲିସକୁ ଅବଗତ କରାଇଥିବା ସେ କହିଛନ୍ତି।
ଏନେଇ କନ୍ଧମାଳ ଏସ୍‌ପି ପ୍ରତୀକ ସିଂଙ୍କୁ ପଚାରିବାରୁ ହୋମଗାଡ଼ଙ୍କୁ ହଇରାଣ କରାଯାଇନାହିଁ, ଏବେ ତଦନ୍ତ ଚାଲିଛି । ଏଥି ସହ ତଦନ୍ତକାରୀ ଅଧିକାରୀ ଅଭିଯୋଗ ଆସିଥିବା ଲୋକଙ୍କୁ ଲାଏ ଡିଟେକ୍ସନ ଟେଷ୍ଟ ପାଇଁ ପ୍ରାର୍ଥନା କରିଛନ୍ତି। ଏଣୁ ତଦନ୍ତ ପ୍ରକ୍ରିୟା ଚାଲିଛି ବୋଲି ଏସ୍‌ପି କହିଛନ୍ତି । ଖବରଦାତା ସମ୍ମିଳନୀରେ କଂଗ୍ରେସର ବିଧାୟକ ପ୍ରତିନିଧି ଜୟ ପତ୍ରା, ଦାରିଙ୍ଗବାଡ଼ି ସମିତିସଭ୍ୟ ରାଜେନ୍ଦ୍ର ସାହୁ, ବରିଷ୍ଠ କର୍ମୀ ଅମୂଲ୍ୟ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।



ଦାରିଙ୍ଗବାଡ଼ି ଅଞ୍ଚଳରେ ଘନ କୁହୁଡ଼ି।

## ସର୍ବନିମ୍ନ ୧୩ ଡିଗ୍ରୀ ତାପମାତ୍ରା

**ଦାରିଙ୍ଗବାଡ଼ି,୨୭।୧୦(ଡି.ଏନ.ଏ.) :**

ଓଡ଼ିଶାର କାଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ପ୍ରଥମ ଶୀତ ଆରମ୍ଭ ହୋଇଛି । ଶନିବାର ସର୍ବନିମ୍ନ ତାପମାତ୍ରା ୧୩.୫ ଡିଗ୍ରୀ ସେଲସିୟସ୍ ରହିଛି, ଯାହାକି ଶୁକ୍ରବାର ସର୍ବନିମ୍ନ ତାପମାତ୍ରା ୧୩ଡିଗ୍ରୀ ରେକର୍ଡ଼ ସଂଗ୍ରହ କରାଯାଇଥିଲା ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ସନ୍ଧ୍ୟା ହେଲେ ଗତ କିଛିଦିନ ହେଲା ଶୀତ ପ୍ରଭାବ ବଢୁଥିବା ବେଳେ ଗୁରୁବାର ସନ୍ଧ୍ୟାରୁ ଏହା ବୃଦ୍ଧି ହୋଇଥିଲା। ଅସହ୍ୟ ଶୀତ ଯୋଗୁ ୩ ଦିନ ହେଲା ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ସକାଳ ୯ ଟା ପର୍ଯ୍ୟନ୍ତ ଘନକୁହୁଡ଼ି ଆଚ୍ଛାଦିତ ହୋଇରହୁଛି । ଏବେ ବିଭିନ୍ନ ସ୍ଥାନରେ ସନ୍ଧ୍ୟା ଏବଂ ସକାଳେ ଲୋକେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଜାଳୁଥିବା ଦେଖିବାକୁ ମିଳିଛି । ସେହିପରି ପର୍ଯ୍ୟଟକମାନେ ମଧ ଭିଡ଼ ଜମାଇଲେଣି । ଦାରିଙ୍ଗବାଡ଼ିର ସାଇଲେଣ୍ଟ ଭ୍ୟାଲି ସମେତ ହିଲଭ୍ୟୁ, ମିଡ଼ିୟୁବାନ୍ଦା ୱାଟର ଫଲ୍, ଲଭର୍ସପଏଣ୍ଟ ଓ କଫି ବଗିଚା ଆଦିରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି।

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ବାଲିଗୁଡା,୨୭।୧୦(ଡି.ଏନ.ଏ.)**

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଦାରିଙ୍ଗବାଡି ଥାନା ସିକକେତା ଗ୍ରାମର ବିଶ୍ୱାମିତ୍ର ବିନ୍ଧାଣୀଙ୍କୁ ସ୍ତ୍ରୀ ହତ୍ୟା ଅଭିଯୋଗରେ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ବିଚାରପତି। ୨୦୧୬ ଡିସେମ୍ବର ୨୫ରେ ବିଶ୍ୱାମିତ୍ର ସ୍ତ୍ରୀ ଭାବିନୀଙ୍କୁ ହଳଦୀ ଖୋଳିବା ବାହାନାରେ ନିକଟସ୍ଥ ଏକ ଜଙ୍ଗଲରେ ଥିବା ବ୍ରାହାଗୁଡା ପଦରକୁ ଡାକିନେଇ ହତ୍ୟା କରିଥିଲେ। ଏ ନେଇ ଦାରିଙ୍ଗବାଡି ଥାନାରେ ନଂ.୧୬୦/୨୬ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ବିଶ୍ୱାମିତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶନିବାର ସ୍ଥାନୀୟ ଅତିରିକ୍ତ ଦୌରାଜଜ୍ ଅରବିନ୍ଦ ପଟ୍ଟନାୟକ ମାମଲାର ବିଚାର କରି ବିଶ୍ୱାମିତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାକୁ ସ୍ଥାନୀୟ ସରକାରୀ ଅଭିଯୋଜକ ସୁଧାଂଶୁ ମୋହନ ପତି ପରିଚାଳନା କରିଥିଲେ।

## ମୋରମ ବୋଝେଇ ଟ୍ରାକ୍ଟର ଜବତ, ୫୦ ହଜାର ଟଙ୍କା ଜରିମାନା ଆଦାୟ

**ଖଲିକୋଟ, ୨୭।୧୦ (ଡି.ଏନ.ଏ.)**

ଖଲ୍ଲିକୋଟ ତହସିଲ ସାନଘାଟି ଓ ରମ୍ଭା ଅଞ୍ଚଳରେ ବେଆଇନ ଭାବେ ମୋରମ ଚାଲାଣ ବେଳେ ଖଲିକୋଟ ନୂତନ ତହସିଲଦାର ଚିତ୍ତରଞ୍ଜନ ମହନ୍ତ ଚଢାଉ କରି ୨ଟି ଟ୍ରାକ୍ଟର ଜବତ କରିଥିଲେ। ଟ୍ରାକ୍ଟର ମାଲିକଙ୍କ ଠାରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ ପରେ ଛାଡି ଦିଆଯାଇଛି। ରାଜସ୍ୱ କର୍ମଚାରୀ ରାଜେନ୍ଦ୍ର କୁମାର ସାହୁ, ତ୍ରିଦେବ କୁମାର ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ସାମିଲ ଥିଲେ।

## ମୋବାଇଲ ଫୋନ୍ ଚୋରି, ଜଣେ କୋର୍ଟ ଚାଲାଣ

**ଦିଗପହଣ୍ଡି/ ପାଟପୁର,୨୭।୧୦(ଡି.ଏନ.ଏ.)**

ପାଟପୁର ପୋଲିସ ଧର୍ମରାୟପୁର ଗ୍ରାମର ରବୀନ୍ଦ୍ର ବିଶୋୟୀଙ୍କୁ ମୋବାଇଲ ଚୋରି ଅଭିଯୋଗରେ କୋର୍ଟ ଚାଲାଣ କରିଛି। ରବୀନ୍ଦ୍ର ପାଟପୁର ରାଧାଦେଇପୁର ଗ୍ରାମର ଚୈତନ୍ୟ ପାଙ୍ଗଯୋଶୀଙ୍କ ଦୋକାନକୁ ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ମୋବାଇଲ କିଣିବାକୁ ଆସି ଗୋଟିଏ ମୋବାଇଲ ଚୋରି କରି ନେଇଥିଲେ। ପୁଣି ଅପରାହ୍ନରେ ଆସି ଆଉଏକ ମୋବାଇଲ ଚୋରି ଉଦ୍ୟମ କରୁଥିବା ବେଳେ ଧରାପଡ଼ିଥିଲେ। ଚୈତନ୍ୟଙ୍କ ଏତଲାକ୍ରମେ ପୋଲିସ ନଂ.୨୦୮/୧୮ରେ ଏକ ମାମଲା ରୁଜୁ କରି ରବୀନ୍ଦ୍ରଙ୍କ ଠାରୁ ୨ଟି ମୋବାଇଲ ଜବତ କରିବା ସହ କୋର୍ଟ ଚାଲାଣ କରିଛି।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



### ସେଲ୍‌ଫି କର୍ଣ୍ଣର


@ ଶିବା


@ ଶୁଭମ୍

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ତୁରନ୍ତ ସହାୟତା ଦେବାକୁ ଦାବି କଲା ଭାଜପା


ଭାଜପା ପ୍ରତିନିଧିମାନେ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖୁଛନ୍ତି ।

**ରାଇକିଆ,୨୭।୧୦(ଡି.ଏନ.ଏ.)**

### ତିତ୍‌ଲି କ୍ଷୟକ୍ଷତି

କନ୍ଧମାଳ ଜିଲା ରାଇକିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ଗତ ତିତ୍‌ଲି ବାତ୍ୟାରେ ବହୁ ପରିମାଣରେ କ୍ଷୟକ୍ଷତି ହୋଇଛି। ଲୋକଙ୍କ ଚାଷ ଜମି ନଷ୍ଟ ସହ ଘର ଭାଙ୍ଗିଛି । ବିଶେଷ କରି ରାସ୍ତା ଘାଟ ଏବଂ କଲଭର୍ଟ ଧୋଇଯିବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନେକ ଗ୍ରାମରେ କିନ୍ତୁ ପ୍ରଶାସନ ପହଞ୍ଚି ପାରିନାହିଁ । କ୍ଷୟକ୍ଷତିର ପ୍ରକୃତ ଆକଳନ କରିପାରି ନ ଥିବା ଅଭିଯୋଗ କରିଛି ଭାଜପା । ଲୋକେ ଆଜି ମଧ ସହାୟତାକୁ ଚାହିଁ ରହିଛନ୍ତି। ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦଳ ତରଫରୁ ଦାବି କରାଯାଇଛି । ଏହି ବ୍ଲକର ଗୁମାମାହା ପଞ୍ଚାୟତର ପପସି, ପାଡ଼ାସି, ବାନ୍ଦା, ମାଡୁବାଡ଼ି, କରଡ଼ା, ରଣବା ଓ ବଡ଼ବାରବା ଆଦି ଅଞ୍ଚଳରେ ଭାଜପା ପ୍ରତିନିଧିମାନେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅର୍ଚ୍ଚନା ପ୍ରଧାନ, ମଣ୍ଡାସର ମଣ୍ଡଳ ସଭାପତି ଗାୟକ ପ୍ରଧାନ, ଶ୍ରୀନିବାସ ପ୍ରଧାନ, ମଣ୍ଡାସର ମହିଳା ମୋର୍ଚ୍ଚା ସଭାନେତ୍ରୀ କବିତା ସାହାଣୀ ଦଳୀୟ କର୍ମୀ କ୍ଷତିଗ୍ରସ୍ତ ପରିବାରଙ୍କ ସହ ଆଲୋଚନା କରିବା ସହ ଏହି ସବୁ ପରିବାର ଯେପରି ତୁରନ୍ତ ସହାୟତା ପାଇ ପାରିବ ସେ ନେଇ ପ୍ରଶାସନ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ଚାଉଳ ବାଟମାରଣା ଅଭିଯୋଗରେ ବିଡିଓଙ୍କୁ ଘେରାଉ

**ଦିଗପହଣ୍ଡି,୨୭।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗୌଡ଼ଗାଁ ପଞ୍ଚାୟତରେ ଚାଉଳ ବଣ୍ଟନରେ ବ୍ୟାପକ ହେରଫେର ଓ ବାଟମାରଣା ପ୍ରତିବାଦରେ ଶନିବାର ଗ୍ରାମର ଶତାଧିକ ଲୋକେ ଦିଗପହଣ୍ଡି ବ୍ଲକ ଅଫିସରେ ପହଞ୍ଚି ଭାରପ୍ରାପ୍ତ ବିଡିଓ ପୀତାମ୍ବର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଘେରାଉ କରିଥିଲେ। ପରେ ବିଡିଓଙ୍କ ପ୍ରକୋଷ୍ଠ ସମ୍ମୁଖରେ ସନ୍ଧ୍ୟା ୬ଟା ଯାଏ ଧାରଣାରେ ବସି ରହିଥିଲେ। ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ କୁମାର ରାଉତରାୟ ଘଟଣାର ତଦନ୍ତ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଭାଜପା ରାଜ୍ୟ କମିଟିର ପୂର୍ବତନ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀ, ଜିଲା ଉପସଭାପତି ପରେଶ ଚନ୍ଦ୍ର ରଥଙ୍କ ନେତୃତ୍ୱରେ ଗୌଡ଼ଗାଁର ଲକ୍ଷ୍ମୀ ସାହୁ, ବୈଦେହୀ ସାହୁ, କଳାବତୀ ସାହୁ, ରଘୁନାଥ ଗୌଡ଼, ରଘୁନାଥ ପାଣିଗ୍ରାହୀ, ଗୁଡ଼ିଆ ସାହୁ, ସଞ୍ଜୟ ସାହୁ, ଅଶୋକ କୁଣ୍ଡ, ବୃନ୍ଦାବନ ସାହୁ, ଉଗ୍ରସେନ ସାସମଲ, ଜୟନ୍ତୀ ସାହୁ ପ୍ରମୁଖ ବହୁ ସଂଖ୍ୟକ ଗ୍ରାମବାସୀ ଧାରଣାରେ ବସି ରହିଥିଲେ ।
ମା' ମହାଲକ୍ଷ୍ମୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପଞ୍ଚାୟତରେ ୧୫ ବର୍ଷ ହେଲା ଚାଉଳ ବଣ୍ଟନ କରାଯାଉଛି। ଗ୍ରାମର ଲକ୍ଷ୍ମୀ ସାହୁ ସେପ୍ଟେମ୍ବର ମାସରେ ଚାଉଳ ନେଇ ନ ଥିଲେ। ଚଳିତ ମାସରେ ସେ ପୁରୁଣା ଚାଉଳ ପାଇଁ ସେ ଦାବି କରିଥିଲେ ବୋଲି ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ ଜଣାଇଛନ୍ତି। ଚାଉଳ ବଣ୍ଟନରେ ଅନିୟମିତତା ହୋଇ ନ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଶର୍ମିଷ୍ଠା ପାଣିଗ୍ରାହୀ ଜଣାଇଛନ୍ତି।


ବିଡିଓଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାରଣା ।

## ଜି.ଉଦୟଗିରି ଦୂରଦର୍ଶନ କେନ୍ଦ୍ର ବନ୍ଦ କରିବାକୁ ଚକ୍ରାନ୍ତ

**ଜି.ଉଦୟଗିରି,୨୭।୧୦(ଡି.ଏନ.ଏ.)**

ଜି.ଉଦୟଗିରିରେ ୧୯୯୮ରୁ ପ୍ରତିଷ୍ଠିତ ସ୍ୱଳ୍ପ ଶକ୍ତି ସମ୍ପନ୍ନ ଦୂରଦର୍ଶନ ପ୍ରସାରଣ କେନ୍ଦ୍ରକୁ ଆସନ୍ତା ନଭେମ୍ବର ୫ ତାରିଖରୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହା ଜଣାପଡ଼ିବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବ୍ଲକ ଉପାଧ୍ୟକ୍ଷ ହୃଦାନନ୍ଦ କହଁର, ରାଇକୋଲା ସରପଞ୍ଚ ସୁରେନ୍ଦ୍ର କୁମାର ପ୍ରଧାନ, ଏନ୍‌ଏସି କାଉନସିଲର ରମେଶ ଚନ୍ଦ୍ର ବେହେରା ଦୂରଦର୍ଶନ ପ୍ରସାରଣ କେନ୍ଦ୍ର ବନ୍ଦ ହେଲେ ଜନ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି । କେନ୍ଦ୍ର ସରକାର ଜାଣିଶୁଣି କନ୍ଧମାଳ ଜିଲାକୁ ଅବହେଳା କରୁଛନ୍ତି ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ବରିଷ୍ଠ ଆଇନଜୀବୀ ଗୋକୁଳାନନ୍ଦ ସାହୁ, ରବୀନ୍ଦ୍ର କୁମାର ପଣ୍ଡା କେନ୍ଦ୍ର ସରକାର ଜି.ଉଦୟଗିରିରୁ ଏହି ପ୍ରସାରଣ କେନ୍ଦ୍ର ବନ୍ଦ ନ କରିବାକୁ କହିଛନ୍ତି। ସରକାର ଅତିଶୀଘ୍ର ଏଫଏମ ରେଡିଓ ଷ୍ଟେଶନ ମଧ ଏଠାରେ ଆରମ୍ଭ କରିବାକୁ ଦାବି କରିଛନ୍ତି ।


ଜି.ଉଦୟଗିରି ସ୍ୱଳ୍ପଶକ୍ତି ସମ୍ପନ୍ନ ପ୍ରସାରଣ କେନ୍ଦ୍ର ଆଣ୍ଟିନା ।

ସୂଚନାନୁଯାୟୀ, ୧୯୯୮ରେ ଏହି ସ୍ୱଳ୍ପ ଶକ୍ତି ସମ୍ପନ୍ନ ଦୂରଦର୍ଶନ ପ୍ରସାରଣ କେନ୍ଦ୍ର ସ୍ଥାପନ ହୋଇଥିଲା । ୧୨ କି.ମି. ବ୍ୟାସାର୍ଦ୍ଧ ଭିତରେ ଲୋକମାନେ ଏହାର ସୁବିଧା ପାଇପାରୁଥିଲେ। ଫଳରେ ୧୨୦ରୁ ଊର୍ଦ୍ଧ୍ୱ ଗ୍ରାମର ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ପ୍ରସାରଣ କେନ୍ଦ୍ର ଦ୍ୱାରା ଦୂରଦର୍ଶନ କାର୍ଯ୍ୟକ୍ରମ ଦେଖି ପାରୁଥିଲେ । ଏହି ପ୍ରସାରଣ କେନ୍ଦ୍ର ବନ୍ଦ କରାଗଲେ ଗ୍ରାମାଞ୍ଚଳରେ ଥିବା ଗରିବ ଲୋକମାନେ ଡିଡି-୧ ଓ ଡିଡି-୬ ମାଗଣାରେ ଦେଖିବାରୁ ବଞ୍ଚିତ ହେବେ। ତେଣୁ ଏହି ପ୍ରସାରଣ କେନ୍ଦ୍ର ବନ୍ଦ ନ କରିବାକୁ ସାଧାରଣରେ ଦାବି ହେଉଛି । ଏହି ପ୍ରସାରଣ କେନ୍ଦ୍ର ଦାୟିତ୍ୱରେ ଥିବା ରାଜ କିଶୋର ନାୟକଙ୍କୁ ପଚାରିବାରୁ ପ୍ରସାରଣ କେନ୍ଦ୍ର ବନ୍ଦ ହେବା ବିଷୟ ସେ ମଧ ଶୁଣିଛନ୍ତି । କିନ୍ତୁ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କିଛି କହିପାରିବେ ନାହିଁ ବୋଲି କହିଥିଲେ । ଅନ୍ୟପଟେ ନଭେମ୍ବର ୫ ତାରିଖରୁ ଏହି କେନ୍ଦ୍ରରୁ ପ୍ରସାରଣ ବନ୍ଦ କରାଯିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ତେଣୁ କେନ୍ଦ୍ର ସରକାର ପୁନର୍ବିଚାର କରି ଏହି କେନ୍ଦ୍ରକୁ ଏଠାରୁ ନ ଉଠାଇବା ପାଇଁ ପଦକ୍ଷେପ ନେବେ ବୋଲି ଦଳମତ ନିର୍ବିଶେଷରେ ସମସ୍ତେ ଦାବି କରୁଛନ୍ତି ।

# ବାତ୍ୟା କ୍ଷତିପୂରଣ ପାଇଁ ସିପିଆଇର ସ୍ମାରକପତ୍ର ପ୍ରଦାନ

ଛତ୍ରପୁର,୨୭।୧୦(ଡି.ଏନ.ଏ.) ବାତ୍ୟା,ବନ୍ୟାରେ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ସିପିଆଇ ଛତ୍ରପୁର ଓ ଚମାଖଣ୍ଡିଜୋନ ପକ୍ଷରୁ ଦାବି ହୋଇଛି । ସ୍ଥାନୀୟ ଲକ୍ଷଣ ଭବନଠାରୁ ନେତା ଓ କର୍ମୀମାନେ ଡି.ଆଦି ନାରାୟଣ ରେଡ୍ଡୀଙ୍କ ନେତୃତ୍ୱରେ ବ୍ଲକକୁ ଆସିଥିଲେ । ବାତ୍ୟା ଓ ବନ୍ୟାରେ ସମସ୍ତ ପଞ୍ଚାୟତରେ ଫସଲ ନଷ୍ଟ ହୋଇଛି। ତେଣୁ ଏକର ପ୍ରତି ୨୫ ହଜାର ଟଙ୍କା କ୍ଷତିପୂରଣ,ସମସ୍ତ ଋଣ ଛାଡ, ରବି ଫସଲ ପାଇଁ ବିହନ ଓ ସାର ଯୋଗାଇବା ଆଦି ଦାବି ନେଇ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସିପିଆଇ ନେତା ଗୋକୁଳଚନ୍ଦ୍ର ପଣ୍ଡା, ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଜିଲା ସହସମ୍ପାଦକ ନୀଳକଣ୍ଠ ଦାଶ, ଅଳକନାଥ ମିଶ୍ର, ଏସ.କିଷ୍ଟା ରେଡ୍ଡୀ, ସିଏଚ୍.ଜନାର୍ଦ୍ଦନ ରେଡ୍ଡୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।




ତିତଲିରେ ମୃତକଙ୍କ ପରିବାରକୁ ମିଳିବ ୧୦ ଲକ୍ଷ

## ମାଟିତଳୁ ମୃତଦେହ ଉଦ୍ଧାର କଲା ପ୍ରଶାସନ

ପାତ୍ରପୁର,୨୭।୧୦(ଡି.ଏନ୍.ଏ.)

ଗତ ତିତ୍‌ଲି ବାତ୍ୟାରେ ମୃତ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ଦେବା ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଯାହା ଏବେ ଗଞ୍ଜାମ ଜିଲା ପ୍ରଶାସନ ପାଇଁ ମୁଣ୍ଡବ୍ୟାଥାର କାରଣ ପାଲଟିଛି। ପାତ୍ରପୁର ବ୍ଲକରେ ୯ ଜଣ ମରିଥିବା ପ୍ରଶାସନ କହୁଥିବା ବେଳ ସେଥିମଧ୍ୟରୁ ୬ ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। ପାତ୍ରପୁର ବ୍ଲକ ପ୍ରଶାସନ ପାଖରେ ମୃତ୍ୟୁ ଖବର ପହଞ୍ଚିବା ପରେ ମୃତଦେହ ଆଣି ବ୍ୟବଛେଦ ପାଇଁ ପ୍ରଶାସନ କହିଥିଲା। ମାତ୍ର ସର୍ବସ୍ୱାନ୍ତ ହୋଇଥିବା ପରିବାର ବ୍ୟବଚ୍ଛେଦ କରାଇ ନ ପାରି ୩ଜଣଙ୍କ ମୃତଦେହ ପୋତି ଦେଇଥିଲେ। ପ୍ରଶାସନ ଶୁକ୍ରବାର ତାଡିଙ୍ଗି ଗ୍ରାମର ସାରଙ୍ଗ ଭୂୟାଁ, କୁରୁଗୁଡ ଗ୍ରାମର ଲିଙ୍ଗରାଜ ପ୍ରଧାନ ଏବଂ ଅବାଣ୍ଡିଆ ଗ୍ରାମର ସାନିଆ କାର୍ଜୀଙ୍କର ମୃତଦେହ ମାଟିଖୋଳି ବାହାର କରିଛି। ସରକାରୀ ସହାୟତା ପାଇଁ ବ୍ୟବଚ୍ଛେଦ ରିପୋର୍ଟ ଆବଶ୍ୟକ ଥିବାରୁ ଏପରି କରାଯାଇଥିବା ପ୍ରଶାସନ ସୂଚନା ଦେଇଛି। ଶନିବାର ନିଖୋଜ ଥିବା ସାନଗାଁର କନ୍ତାରୁ ପ୍ରଧାନଙ୍କ ମୃତଦେହ ବିଲ ମାଳରୁ ପ୍ରଶାସନ ଉଦ୍ଧାର କରି ବ୍ୟବଛେଦ କରାଯାଇଥିବା ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ କୁମାର ରାଉତରାୟ କହିଛନ୍ତି।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ